ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.289 Bhubaneswar Tuesday January 03 2023 | ୨୫ତମ ବର୍ଷ ସଂଖ୍ୟା-୨୮୯ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୦୩, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS



ନୂଆବର୍ଷ ଉପଲକ୍ଷେ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କୁ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ)ର ଏକ ପ୍ରତିନିଧି ଦଳ ସଭାପତି ସଞ୍ଜୟ ଦାସ, ପ୍ରଦ୍ୟୁମ୍ନ ଦାଶ, ହୃଷୀକେଶ ମହାନ୍ତି, ରଜନୀକାନ୍ତ ସାମନ୍ତରାୟ ଓ ଶ୍ରୀଧର ପରିଡ଼ା ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛନ୍ତି।

## ପ୍ୟାରୀଙ୍କ ମାର୍ଗରେ ବବି, ନୂଆ ବର୍ଷ ସନ୍ଦେଶକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୨।୧(ପି.ଏନ): କୋଟିଏ ସଦସ୍ୟ ବିଶିଷ୍ଟ ଦଳ ବିଜେଡିର କର୍ମୀଙ୍କଠୁ ଆରମ୍ଭ କରି ଆଗଧାଡିର ନେତାମାନେ ନିଜର ନୂଆବର୍ଷ ସନ୍ଦେଶରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଫଟୋଚିତ୍ରକୁ ସ୍ଥାନିତ କରୁଥିବାବେଳେ ନିଜ ଫେସବୁକ୍ ଓ ଟ୍ୱିଟର ଆକାଉଣ୍ଟରେ ଖୋଦ୍ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ(ବବି) ଦେଇଥିବା ନୂଆବର୍ଷ ସନ୍ଦେଶକୁ ନେଇ ଏବେ ଦଳରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ଏକଦା ବିଜେଡିର ଚାଣକ୍ୟ କୁହାଯାଉଥିବା ପ୍ୟାରୀମୋହନ ମହାପାତ୍ର ଯେଉଁ ତ୍ରୁଟି କରି ନବୀନଙ୍କ ସହ ତାଙ୍କର ମତାନ୍ତର ହୋଇଥିଲେ ଏବେ ବିଜେଡିର ସବୁଠୁ ପାୱାରଫୁଲ ନେତା ବବି ମଧ୍ୟ ଅନୁରୂପ ତ୍ରୁଟି ଦୋହରାଇବାକୁ ଯାଉଥିବା ଚର୍ଚ୍ଚା। ସୂଚନା ଅନୁସାରେ, ୨୦୦୯ରେ ବିଜେଡିରେ ସାମିଲ ହୋଇ ଏବେ ଦଳର ସବୁଠୁ ପାୱାରଫୁଲ୍ ନେତା ଭାବେ ପରିଚିତ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ୨୦୨୩ ମସିହା ନବବର୍ଷ ଅବସରରେ ଗତକାଲି ନିଜର ଉଭୟ ଫେସବୁକ୍ ଓ ଟ୍ୱିଟର ଆକାଉଣ୍ଟରୁ 'ନବବର୍ଷ ଶୁଭେଚ୍ଛା' ସନ୍ଦେଶର ସମାନ ଫଟୋଚିତ୍ର ଓ ବାର୍ତ୍ତା ଦେଇଛନ୍ତି । ନିଜର ଭେରିଫାଏଡ୍ ଟ୍ୱିଟର ଆକାଉଣ୍ଟରୁ ନବବର୍ଷର ଶୁଭେଚ୍ଛା ଦେବା ସହ ଯେଉଁ ଫଟୋଚିତ୍ର ଦେଇଛନ୍ତି, ସେଥିରେ କେବଳ ନିଜର ଫଟୋ ରଖିଛନ୍ତି । ସେଥିରେ ନା ଅଛି ଦଳୀୟ ଚିହ୍ନ, ନା ଅଛି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଚିତ୍ର ଅବା ଅନ୍ୟ ଅଛି । ଯେଉଁ ଦଳ ଓ ଦଳର ସୁପ୍ରିମୋଙ୍କ ପାଇଁ ବବି ଏବେ ବିଜେଡି ତଥା ରାଜ୍ୟର ସବୁଠୁ ପାୱାରଫୁଲ ରାଜନେତା, ସେହି ନେତାଙ୍କ ଫଟୋ ଅବା ଦଳୀୟ ଚିହ୍ନକୁ କାହିଁକି ସେ ନିଜର ନୂଆବର୍ଷ ସନ୍ଦେଶ ବ୍ୟାନରରେ ସାମିଲ କଲେନି, ତାକୁ ନେଇ ପ୍ରଶ୍ନ ଉଠିଛି । ଦଳର ସାଧାରଣ କର୍ମୀଙ୍କଠୁ ଆରମ୍ଭ କରି ଆଗଧାଡିର ନେତା, ମନ୍ତ୍ରୀ ଓ ବିଧାୟକମାନେ ଯେତେବେଳେ ସଂଗଠନ ସମ୍ପାଦକ ଭାବେ ବବିଙ୍କ ଫଟୋକୁ ନିଜର ନୂଆବର୍ଷ ସନ୍ଦେଶ ବ୍ୟାନର ହେଉ ଅବା ସୋଶାଲ ମିଡିଆ ଆଦିରେ ଉପଯୋଗ କରୁଛନ୍ତି, ସେତେବେଳେ ଖୋଦ୍ ବବି ନିଜର ନେତା ତଥା ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଫଟୋକୁ ନବବର୍ଷ ସନ୍ଦେଶରେ ସାମିଲ କରିବାକୁ କିଭଳି ଭୁଲିଗଲେ ? ଏହା ଉଦ୍ଦେଶ୍ୟମୂଳକ ନା ରାଜନୀତିକ ମହତ୍ୱାକାଂକ୍ଷା- ତାକୁ ନେଇ ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି ।ରାଜନୀତିକ ବିଶ୍ଳେଷକଙ୍କ ମତରେ ୨୦୦୯ ସାଧାରଣ ନିର୍ବାଚନ ଓ ୨୦୧୨ ପଂଚାୟତ ନିର୍ବାଚନ ପରେ ବିଜେଡିର ତତକାଳୀନ ଚାଣକ୍ୟ ତଥା କ୍ଷମତାକେନ୍ଦ୍ର ପ୍ୟାରୀମୋହନ ମହାପାତ୍ରଙ୍କ ଫଟୋକୁ ଦଳର ଆଗଧାଡିର କର୍ମୀଠୁ ଆରମ୍ଭ କରି ସବୁ ନେତାମାନେ ବିଭିନ୍ନ କାର୍ଯ୍ୟକ୍ରମରେ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ର ସହ ଉପଯୋଗ କରୁଥିଲେ । ପ୍ୟାରୀଙ୍କ ଦ୍ୱାରା ସେତେବେଳେ ଦଳର ସମସ୍ତ ସାଂଗଠନିକ କାର୍ଯ୍ୟ ସମ୍ପାଦିତ ହେଉଥିବାରୁ ତାଙ୍କୁ ଖୁସି କରିବାକୁ ଦଳୀୟ କର୍ମୀ ଓ ନେତାମାନେ ଅଧିକ ଉତ୍ସାହିତ ହୋଇ କେତେକ ସ୍ଥାନରେ ନବୀନଙ୍କ ଫଟୋଚିତ୍ର ତୁଳନାରେ ପ୍ୟାରୀଙ୍କ ଫଟୋକୁ ବଡ ଆକାରରେ ସେମାନଙ୍କ ପୋଷ୍ଟର ଓ ବ୍ୟାନରରେ ସ୍ଥାନିତ କରୁଥିଲେ । ଯାହାକୁ ନେଇ ସେତେବେଳେ ନବୀନ ନିଜେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଆଉ ପ୍ୟାରୀଙ୍କ ପ୍ରତି ଦଳୀୟ କର୍ମୀ ଓ ନେତାଙ୍କ ଅତ୍ୟଧିକ ଅନୁରକ୍ତି ତଥା ନବୀନଙ୍କ ନିରବତା ହିଁ ପରୋକ୍ଷରେ ପ୍ୟାରୀଙ୍କୁ ଅଧିକ ମହତ୍ୱାକାଂକ୍ଷୀ କରିଦେଇଥିଲା । ଯେଉଁଥିପାଇଁ ୨୦୧୨ ମେ' ୨୯ ଭଳି ଘଟଣା ବିଜେଡି ରାଜନୀତିରେ ସମ୍ଭବପର ହୋଇଥିଲା ଆଉ ପ୍ୟାରୀ ନିଜର ରାଜନୀତିକ ଅସ୍ତିତ୍ୱ ହରାଇ ବସିଥିଲେ। ଚର୍ଚ୍ଚା ହେଉଛି, ଗତ ଜୁନ୍ ମାସରେ ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ଅସନ୍ତୁଷ୍ଟ ଥିବା ବବିଙ୍କ ତ୍ରୁଟିପୂର୍ଣ୍ଣ ରଣନୀତି ତଥା ଏକପାଖିଆ ନିଷ୍ପତ୍ତି ଯୋଗୁ ଧାମନଗର ଉପନିର୍ବାଚନରେ ବିଜେଡିକୁ ପରାଜିତ ହେବାକୁ ପଡିଲା । ଆଉ ପଦ୍ମପୁର ଉପନିର୍ବାଚନରେ ବବି ପ୍ରାୟ ୨୫ଦିନ ସେଠାରେ ଉପସ୍ଥିତି ରହିଥିଲେ ମଧ୍ୟ ଦଳର ବିଭିନ୍ନ ବର୍ଗର ନେତାମାନଙ୍କ ସହଯୋଗ ଓ ନବୀନ ପଟ୍ଟନାୟକଙ୍କ ସିଧାସଳଖ ସମ୍ପୃକ୍ତି ଯୋଗୁ ବିଜେଡି ପ୍ରାର୍ଥୀଙ୍କ ଜିତିବା ସମ୍ଭବପର ହୋଇପାରିଥିଲା । ଏବେ ବବି ନିଜେ ସରକାରରେ ଗୁରୁଦାୟିତ୍ୱ ସହ ନିଜର ଘନିଷ୍ଠ ସହଯୋଗୀ ସୁଶାନ୍ତ ସିଂଙ୍କୁ ପଦ୍ମପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ଜିତିବାର ଶ୍ରେୟ ଦେଇ ମନ୍ତ୍ରୀ କରିବା ନିମନ୍ତେ ଚାପ ପକାଉଥିବା ଚର୍ଚ୍ଚା ହେଉଛି ।



### ଆସନ୍ତା ୪ରୁ ୧୪ ତାରିଖ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ

ପଟ୍ଟାମୁଣ୍ଡାଇ, ୨।୧(ପି.ଏନ): କୁମ୍ଭୀର ଗଣନା ପାଇଁ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସ୍ଥିତ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଜାନୁଆରୀ ୪ରୁ ୧୪ ତାରିଖ ଯାଏ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ବଉଳା କୁମ୍ଭୀରଙ୍କ ଏକ୍ରୁଡ଼ି ଶାଳ ଭିତରକନିକା ଜାତୀୟ ଉଦ୍ୟାନ ଓ ଉଦ୍ୟାନ ବାହାରେ ଥିବା ନଦୀ, ନାଳଗୁଡିକରେ କୁମ୍ଭୀରମାନଙ୍କ ଗଣନା କରାଯିବ। ଏଥିପାଇଁ ୧୧ ଦିନ ଧରି ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଜାନୁଆରୀ ୧୫ ତାରିଖ ଠାରୁ ପୁଣି ଭିତରକନିକା ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି ରାଜନଗର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି ।

## ୪ଟି ପ୍ରସଙ୍ଗରେ ମୁହଁ ଖୋଲିବେ ଭର୍ତ୍ତୃହରି, ଦଳରେ ଶଙ୍କା ବଢ଼ିଲା

ଭୁବନେଶ୍ୱର,୨।୩ (ପି.ଏନ): ଦୀର୍ଘଦିନ ଧରି ଦଳୀୟ ସାଂଗଠନିକ କାର୍ଯ୍ୟରେ ଅଣଦେଖା ହୋଇ ରହିଥିବା ବିଜେଡିର ବରିଷ୍ଠ ନେତା ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ୪ଟି ବିଷୟରେ ନିଜର ଆଭିମୁଖ୍ୟ ଗଣମାଧ୍ୟମ ଆଗରେ ରଖିବେ । ତେବେ କେବେ ରଖିବେ ଓ କ'ଣ ରଖିବେ ତାକୁ ନେଇ ଏବେଠୁ ବିଜେଡିରେ ଶଙ୍କା ବଢ଼ିଲାଣି ।ବିଜେଡିର ୨୫ତମ ପ୍ରତିଷ୍ଠା ଦିବସରେ ଅନୁପସ୍ଥିତ ରହିଥିବା ଶ୍ରୀ ମହତାବ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଆଜି ସ୍ୱାଧୀନତା ସଂଗ୍ରାମୀ ଦିବସରେ ଏନେଇ ଚର୍ଚ୍ଚା ନକରିବା ଭଲ । ୪ଟି ବିଷୟରେ କହିବାର ଅଛି । ସେ ମନ୍ମଥ ଦାସଙ୍କ 'ଦେଖା ହେଲେ କହିବି ସେ କଥା' ସମ୍ପର୍କରେ ଉଲ୍ଲେଖ କରି ଏବେ ନୁହେଁ, ଦେଖାହେଲେ କହିବେ ବୋଲି କହିଛନ୍ତି। ଖୁବଶୀଘ୍ର କହିବେ ବୋଲି କହିଛନ୍ତି । ଯାହା ସେ କହିବାକୁ ଚାହୁଁଛନ୍ତି ସେଥିରେ ୨୦୨୪ରେ ନିର୍ବାଚନ ଲଢ଼ିବେ କି ନାହିଁ ତାହା ବି ଗୋଟିଏ ପ୍ରସଙ୍ଗ ।ବିଜେଡି ପ୍ରତିଷ୍ଠା ଦିବସରେ କାହିଁକି ଅନୁପସ୍ଥିତ ରହିଲେ ତା'ର ସିଧାସଳଖ ଉତ୍ତର ନଦେଇ ଶ୍ରୀ ମହତାବ କହିଥିଲେ ଯେ, ସାଂସଦ ପିନାକୀ ମିଶ୍ର ତ ଅନୁପସ୍ଥିତ ଥିଲେ । ତାଙ୍କୁ ଏନେଇ ପଚାରିଛନ୍ତି କି ? ପିନାକୀ ଅସୁସ୍ଥ ଥିବା ନେଇ ଦଳ ପକ୍ଷରୁ ଘୋଷଣା କରାଯାଇଥିଲା, କିନ୍ତୁ ତାଙ୍କ ସମ୍ପର୍କରେ କିଛି କୁହାଯାଇନଥିବା ସମ୍ପର୍କରେ ସାମ୍ବାଦିକମାନେ ପ୍ରଶ୍ନ କରିବାରୁ ସେଦିନ ପିନାକୀବାବୁ କେଉଁଠି ଥିଲେ ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ ।ଭୁବନେଶ୍ୱର(ଓଡିଶା ରିପୋର୍ଟର): ଦୀର୍ଘଦିନ ଧରି ଦଳୀୟ ସାଂଗଠନିକ କାର୍ଯ୍ୟରେ ଅଣଦେଖା ହୋଇ ରହିଥିବା ବିଜେଡିର ବରିଷ୍ଠ ନେତା ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ୪ଟି ବିଷୟରେ ନିଜର ଆଭିମୁଖ୍ୟ ଗଣମାଧ୍ୟମ ଆଗରେ ରଖିବେ । ତେବେ କେବେ ରଖିବେ ଓ କ'ଣ ରଖିବେ ତାକୁ ନେଇ ଏବେଠୁ ବିଜେଡିରେ ଶଙ୍କା ବଢ଼ିଲାଣି ।ବିଜେଡିର ୨୫ତମ ପ୍ରତିଷ୍ଠା ଦିବସରେ ଅନୁପସ୍ଥିତ ରହିଥିବା ଶ୍ରୀ ମହତାବ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଆଜି ସ୍ୱାଧୀନତା ସଂଗ୍ରାମୀ ଦିବସରେ ଏନେଇ ଚର୍ଚ୍ଚା ନକରିବା ଭଲ । ୪ଟି ବିଷୟରେ କହିବାର ଅଛି ।

## ଆଗାମୀ ୩୦ରୁ ୪୦ ଦିନ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା



ଭୁବନେଶ୍ୱର,୨।୧(ପି.ଏନ): ଆସନ୍ତା ୩୦ରୁ ୪୦ ଦିନ ଯାଏ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ରୂପ ବଦଳାଇବା ହେଉଛି କରୋନାର ଚରିତ୍ର। ଏବେ ଦେଶରେ ଏକ୍ସବିବି ୧.୫ ନୂଆ ଭାରିଆଣ୍ଟ ରୂପରେ ଦେଖାଦେଇଛି। କିନ୍ତୁ ଏହାର ଲକ୍ଷଣ ଓ ଭୟାବହତା କେତେ ହେବ ଜଣାପଡିନାହିଁ। ପରୀକ୍ଷା ନିରିକ୍ଷା ଚାଲିଥିବା କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର।ଭୁବନେଶ୍ୱର(ଓଡିଶା ରିପୋର୍ଟର): ଆସନ୍ତା ୩୦ରୁ ୪୦ ଦିନ ଯାଏ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ରୂପ ବଦଳାଇବା ହେଉଛି କରୋନାର ଚରିତ୍ର। ଏବେ ଦେଶରେ ଏକ୍ସବିବି ୧.୫ ନୂଆ ଭାରିଆଣ୍ଟ ରୂପରେ ଦେଖାଦେଇଛି। କିନ୍ତୁ ଏହାର ଲକ୍ଷଣ ଓ ଭୟାବହତା କେତେ ହେବ ଜଣାପଡିନାହିଁ। ପରୀକ୍ଷା ନିରିକ୍ଷା ଚାଲିଥିବା କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର।ସେପଟେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର କହିଛନ୍ତି, ନଭେମ୍ବର ୧୧ ତାରିଖରୁ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୧୨ ତଳେ ରହୁଛି। ବର୍ତ୍ତମାନ ରାଜ୍ୟରେ ମାତ୍ର ୫୦ ଜଣ ରୋଗୀ ରହିଛନ୍ତି। ଆଗକୁ ସଂକ୍ରମଣ ବଢ଼ିପାରେ। କିନ୍ତୁ ଏହା କେତେ କ୍ଷତି ପହଞ୍ଚାଇବ ଲକ୍ଷଣ କେତେ ଭୟଙ୍କର ହେବ ତାହାର ତଥ୍ୟ ଆସିନାହିଁ। ତେବେ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସମସ୍ତ ମେଡ଼ିକାଲ୍ କଲେଜରେ ୨୦ଟି ଲେଖାଏଁ ବେଡ୍ ମହଜୁଦ ରହିଛି। ଜିଲ୍ଲା ଚିକିତ୍ସାଳୟରେ ମଧ୍ୟ ବେଡ୍ ମହଜୁଦ ରହିଛି। ଆବଶ୍ୟକ ପଡିଲେ ବେଡ୍ ସଂଖ୍ୟା ମଧ୍ୟ ବଢାଯିବ। ହକି ପାଇଁ କଟକ, ଭୁବନେଶ୍ୱର ଓ ରାଉରକେଲାର ସମସ୍ତ ଅର୍ବାନ ପିଏଚ୍‌ସି ଓ ସିଏଚ୍‌ସିରେ ସମସ୍ତଙ୍କ ଟେଷ୍ଟିଂ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି।

## ଅଙ୍ଗନବାଡି କର୍ମୀଙ୍କ ଆନ୍ଦୋଳନ, କୋମଳମତି ଶିଶୁ ବଳି ପଡୁଛନ୍ତି

ମାଲକାନଗିରି, ୨।୧(ପି.ଏନ): ମାଲକାନଗିରି ଜିଲ୍ଲାରେ ଗତ ନଭେମ୍ବର ୨୧ ତାରିଖ ଠାରୁ ଅଙ୍ଗନବାଡି କର୍ମୀମାନେ ବିଭିନ୍ନ ଦାବି ନେଇ ନିଜ ନିଜ ବ୍ଲକର ଆରସିଡିଏସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅଲ ଓଡିଶା ଅଙ୍ଗନବାଡି ୱାର୍କର୍ସ ସଂଘ ତରଫରୁ ଚେତାବନୀ ଦିଆଯାଇଛି। ତେବେ ଜିଲ୍ଲାରେ ରହିଥିବା ୧୩୨୪ ଅଙ୍ଗନବାଡି କେନ୍ଦ୍ରର ଅର୍ଦ୍ଧାଧିକ ଅଙ୍ଗନବାଡି କେନ୍ଦ୍ର ଖୋଲୁନଥିବା ଦେଖିବାକୁ ମିଳିଛି।୧୩୨୪ ଅଙ୍ଗନବାଡି କେନ୍ଦ୍ରରୁ ୧୭ଟି ଅଙ୍ଗନବାଡି କେନ୍ଦ୍ରରେ କେହି ଅଙ୍ଗନବାଡିକର୍ମୀ ଆଜି ପର୍ଯ୍ୟନ୍ତ ନିଯୁକ୍ତି ପାଇ ନାହାନ୍ତି। ସମସ୍ତ ବ୍ଲକର ଦୁର୍ଗମ ଅଙ୍ଗନବାଡି କେନ୍ଦ୍ର ବର୍ଷ ତମାମ ଖୋଲୁନଥିବା ବେଳେ ଏବେ ଆନ୍ଦୋଳନରେ କେତେ ଖୋଲୁଥିବା ତାହା ସହଜରେ ଅନୁମେୟ। ବିଭାଗ କିନ୍ତୁ ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସୁପରଭାଇଜର ମାନେ ଦେଖାଶୁଣା କରୁଥିବା ଯୁକ୍ତି ବାଢିଛନ୍ତି। ତେବେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉନଥିବା ବେଳେ ଛତୁଆ ଏବଂ ଅଣ୍ଡା ପ୍ରଦାନ କରାଯାଉଥିବା କହିଛନ୍ତି।ଯାହା ରିପୋର୍ଟ ମିଳିଛି ପ୍ରାୟ ଅର୍ଦ୍ଧାଧିକ ଅଙ୍ଗନବାଡି କେନ୍ଦ୍ର ଖୋଲୁ ନଥିବାରୁ ନା ରନ୍ଧା ଖାଦ୍ୟ, ଛତୁଆ ଓ ଅଣ୍ଡା ଶିଶୁମାନଙ୍କୁ ମିଳୁଛି। ପ୍ରତିଦିନ ପିଲାମାନେ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ଖାଲି ହାତରେ ଫେରୁଥିବା ଅଭିଭାବକ ମାନେ କହନ୍ତି। ତେବେ ଏହି ଆନ୍ଦୋଳନ ଆହୁରି କେତେ ଦିନ ଚାଲିବ କେହି ଜାଣିନଥିବା ବେଳେ ଅକାରଣରେ କୋମଳମତି ଶିଶୁମାନେ ଏଥିପାଇଁ ବଳି ପଡୁଥିବା କୁହାଯାଉଛି। ସେମାନଙ୍କର ହକ୍ ସେମାନଙ୍କୁ ମିଳିପାରୁ ନାହିଁ। ଜିଲ୍ଲାରେ ଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକର ଅବସ୍ଥା ଏବେ ଶୋଚନୀୟ ହୋଇ ପଡିଲାଣି। ଦୀର୍ଘ ୪୨ ଦିନ ହେଲା ଅଙ୍ଗନବାଡି କେନ୍ଦ୍ର ଖୋଲୁ ନଥିବାରୁ ସେହି ଅଂଚଳରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହେଲାଣି। ଅଙ୍ଗନବାଡିକର୍ମୀଙ୍କ ସହ ରୋଷେୟା ମାନେ ମଧ୍ୟ ଆନ୍ଦୋଳନ କରୁଥିବାରୁ ରନ୍ଧା ଖାଦ୍ୟ ସଂପୂର୍ଣ୍ଣ ବନ୍ଦ ରହିଛି। କେବଳ ଶିଶୁମାନେ ହିଁ ନୁହେଁ, ଗର୍ଭବତୀ ମହିଳା, ପ୍ରସୂତୀ ମହିଳା ଏବଂ କିଶୋରୀ ବାଳିକାମାନେ ମଧ୍ୟ ନିଜର ପ୍ରାପ୍ୟ ପାଇପାରୁ ନାହାନ୍ତି। ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ରହିଥିବା ଛତୁଆ ସେଂଟର ଗୁଡିକ ଛତୁଆ ପ୍ରଦାନ କରୁଛନ୍ତି କି ନାହିଁ ତାହା ବିଭାଗର କର୍ମଚାରୀ ମାନେ ଦେଖାଶୁଣା କରିବା କଥା, କିନ୍ତୁ ଏହା ଠିକ ରୂପେ କରାଯାଉନଥିବା ଅଭିଯୋଗ ହୋଇଛି। ଛତୁଆ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଭିତିରିଆ ସଲାସୁତରା ହୋଇ ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ପ୍ରଦାନରେ ଢିଲା କରାଯାଇଥିବା କୁହାଯାଉଛି। ଏହାର ତଦନ୍ତ ହେଲେ ସବୁ ପଦାରେ ପଡିବ ବୋଲି କୁହାଯାଉଛି। ଜିଲ୍ଲା ପ୍ରଶାସନ ଏଥିପାଇଁ ଏକ ତଦନ୍ତ ଟିମ ଗଠନ କରି କିପରି ଅଙ୍ଗନବାଡି କେନ୍ଦ୍ର ଚାଲିଛି ଏବଂ ଛତୁଆ ଓ ଅଣ୍ଡା ପ୍ରଦାନ କରାଯାଉଛି କି ନାହିଁ ତାହାର ତଦନ୍ତ କରନ୍ତୁ ବୋଲି ଦାବି ହୋଇଛି ।ଅନ୍ୟପକ୍ଷରେ ଅଙ୍ଗନବାଡି କେନ୍ଦ୍ର ଏତେ ଦିନ ଧରି ବନ୍ଦ ରହିଥିବାରୁ ଅଭିଭାବକ ମାନେ ମଧ୍ୟ ଅସନ୍ତୋଷ ଜାହିର କଲେଣି। ଆଗକୁ ଅଙ୍ଗନବାଡି କେନ୍ଦ୍ର ନ ଖୋଲିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କୁହାଯାଇଛି। ସରକାର ଶିଶୁ ଓ ମାଆଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏହାର ସୁଦୁପଯୋଗ ନହେବା ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ବଢୁଛି। ଏନେଇ ସରକାର ଏବଂ ଜିଲ୍ଲା ପ୍ରଶାସନ ତରଫରୁ ତୁରନ୍ତ କୌଣସି ପଦକ୍ଷେପ ନେଇ ସମାଧାନ କରିବାକୁ ଦାବି ହୋଇଛି।

## ଅଷ୍ଟାଦଶ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ତ୍ରୟୋଦଶ ପତ୍ରିକା ହାଟ

### ନମିତା ଗୋଖଲେଙ୍କୁ ନୀଳିମାରାଣୀ ସାହିତ୍ୟ ସମ୍ମାନ



ଭୁବନେଶ୍ୱର,୨।୧: ଆମ ସଂସ୍କୃତି ଓ ଅସ୍ମିତାର ପରିଚୟ ହେଉଛି ଶବ୍ଦ ଓ ସାହିତ୍ୟ ବୋଲି ବିଶିଷ୍ଟ ଲେଖିକା ଓ କବି ତଥା ଜୟପୁର ଜାତୀୟ ସାହିତ୍ୟ ମହୋତ୍ସବର ସହ-ପ୍ରତିଷ୍ଠାତା ନମିତା ଗୋଖଲେ ପ୍ରକାଶ କରିଛନ୍ତି। ସୋମବାର ଅଷ୍ଟାଦଶ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ତ୍ରୟୋଦଶ ପତ୍ରିକା ହାଟ ଅବସରରେ ନୀଳିମାରାଣୀ ସାହିତ୍ୟ ସମ୍ମାନ ଗ୍ରହଣ କରି ଶ୍ରୀମତୀ ଗୋଖଲେ କହିଲେ, ମଣିଷର ଭାବାବେଗ ହେଉଛି ଶବ୍ଦ। ଶବ୍ଦ ଓ ସାହିତ୍ୟ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି। ସମସ୍ତଙ୍କ ଜୀବନରେ ମାତୃଭାଷାର ଗୁରୁତ୍ୱ ରହିଛି। ତେବେ ଅନ୍ୟ ସବୁ ଭାଷାର ଆଦର ରହିବା ଉଚିତ୍। ଜ୍ଞାନ ବାଣ୍ଟିଲେ ବଢ଼େ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଲେଖକ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ମାଧବ କୌଶିକ କହିଲେ, ଭାରତୀୟ ସାହିତ୍ୟକୁ ଅନ୍ୟ କେତେକ ଭାଷାର ବହୁ ଯୋଗଦାନ ରହିଛି। ଏ କ୍ଷେତ୍ରରେ ଓଡ଼ିଆ ଭାଷାର ସର୍ବୋଚ୍ଚ ଯୋଗଦାନ ରହିଛି। ଫକୀର ମୋହନ ସେନାପତି ହେଉଛନ୍ତି ଆମ ସାହିତ୍ୟର ସେନାପତି। କାଦମ୍ବିନୀ ପତ୍ରିକାର ପ୍ରୟାସ ପ୍ରଶଂସନୀୟ ବୋଲି ଶ୍ରୀ କୌଶିକ କହିଥିଲେ। ହୃଦୟରୁ ବାହାରୁଥିବା ଶବ୍ଦ ସକାରାତ୍ମକ ବୋଲି ଅନ୍ୟତମ ଅତିଥି ବିଶିଷ୍ଟ ଅଭିନେତା ସଚିନ୍ ପିଲଗାଁଓକର୍ କହିଥିଲେ। ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଜାଣିବାକୁ ହେଲେ ସମସ୍ତେ ଓଡ଼ିଶା ଆସିବା ଉଚିତ୍ ବୋଲି ସେ କହିଥିଲେ। ଆମେ ଯେତେ ଭାଷା ଜାଣିଲେ ମଧ୍ୟ ମାତୃଭାଷାକୁ ଭୁଲିଯିବା ଉଚିତ୍ ନୁହେଁ। ସାହିତ୍ୟ ଓ ସଂସ୍କୃତି ମାଧ୍ୟମରେ ସଦ୍‌ଭାବନା ସୃଷ୍ଟି ହୋଇଥାଏ ବୋଲି ବିଶିଷ୍ଟ ମରାଠୀ ଓ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ସୁପ୍ରିୟା ପିଲଗାଁଓକର୍ କହିଥିଲେ। ମରାଠୀ ସାହିତ୍ୟିକା ଓ ସମାଜସେବୀ ଦୀପା ଦେଶମୁଖ କହିଲେ, ସବୁଭାଷା ଭିତରେ ମାତୃଭାଷାର ସ୍ଥାନ ସବୁଠୁ ଉଚ୍ଚରେ। ବିଜ୍ଞାନ ଆମକୁ ଦୃଷ୍ଟି ଓ ଦୃଷ୍ଟିକୋଣ ଦେଇଥାଏ। କଳା ଓ ସାହିତ୍ୟ ଆମର ଭାବାବେଗକୁ ପରିପ୍ରକାଶ କରିଥାଏ। କାଦମ୍ବିନୀ ସାହିତ୍ୟ ସମ୍ମାନ ଗ୍ରହଣ କରିବା ଅବସରରେ ବିଶିଷ୍ଟ ଲେଖିକା ଓ ଔପନ୍ୟାସିକା ସୁସ୍ମିତା ବାଗ୍‌ଚୀ କହିଲେ, ମଣିଷର ଭାବାବେଗର ଐତିହାସିକ ହେଉଛନ୍ତି ସାହିତ୍ୟିକ। ମଣିଷର ଭାବାବେଗକୁ ସାହିତ୍ୟିକ ରୂପ ଦେଇଥାଏ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କାଦମ୍ବିନୀର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ କହିଲେ, ପତ୍ରିକାଟିଏ କରିବା ଓ ତାକୁ ବଞ୍ଚାଇ ରଖିବା କଷ୍ଟକର ବ୍ୟାପାର ଏବଂ ଏକ ଫିଚର ପତ୍ରିକା ପ୍ରକାଶ କରିବା ଆହୁରି କଷ୍ଟକର। ତେବେ ଗତ ୨୩ ବର୍ଷ ଧରି କାଦମ୍ବିନୀ ନିୟମିତ ଭାବେ ପ୍ରକାଶ ପାଇବା ସହ ଲୋକଙ୍କ ପ୍ରିୟଭାଜନ ହୋଇପାରିଥିବାରୁ ସେ କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ ଓ କାଦମ୍ବିନୀ ପରିବାରକୁ ଧନ୍ୟବାଦ ଜଣାଇଥିଲେ। ବିଭିନ୍ନ କାରଣ ବିଶେଷକରି ଆର୍ଥିକ ଅସୁବିଧାରୁ ଅନେକ ଓଡ଼ିଆ ପତ୍ରିକା ବନ୍ଦ ହୋଇଯାଉଛି। ଏହି ପରିପେକ୍ଷୀରେ କାଦମ୍ବିନୀ ପ୍ରକାଶନ ମାଧ୍ୟମରେ ଏଭଳି ୨୦ରୁ ୨୫ଟି ଦୁସ୍ଥ ପତ୍ରିକାକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଥିଲେ।ଏହି ଅବସରରେ କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ପକ୍ଷରୁ ବିଶିଷ୍ଟ ଲେଖିକା ତଥା ଜୟପୁର ଲିଟେରାରୀ ଫେଷ୍ଟିଭାଲର ସହ-ପ୍ରତିଷ୍ଠାତା ଓ ସହ-ନିର୍ଦ୍ଦେଶକ ନମିତା ଗୋଖ୍‌ଲେଙ୍କୁ ସମ୍ମାନଜନକ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୩' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ଶ୍ରୀମତୀ ଗୋଖ୍‌ଲେଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି, ରୌପ୍ୟ ପଦକ, ସନନ୍ଦ ପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ସୁସ୍ମିତା ବାଗ୍‌ଚୀଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୨୩' ପ୍ରଦାନ କରାଯାଇଥିବା ବେଳେ ଶ୍ରୀମତୀ ବାଗ୍‌ଚୀଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି, ସନନ୍ଦ ପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। 'ପକ୍ଷୀଘର'ର ସମ୍ପାଦକ ବନୋଜ ତ୍ରିପାଠୀଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ-୨୦୨୩' ପ୍ରଦାନ କରାଯାଇଥିବା ବେଳେ ବରିଷ୍ଠ ସାହିତ୍ୟିକ ଗଣେଶରାମ ନାହାକ, ରବୀନ୍ଦ୍ରନାଥ ମିଶ୍ର ଓ କେଶବ ଚନ୍ଦ୍ର ରାଉତରାୟଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୨୩'ରେ ସମ୍ବର୍ଦ୍ଧିତ କରାଯାଇଥିଲା। 'କାଦମ୍ବିନୀ ସମ୍ପାଦକ ସମ୍ମାନ' ସ୍ୱରୂପ ଶ୍ରୀ ତ୍ରିପାଠୀଙ୍କୁ ୧୦ହଜାର ଟଙ୍କାର ଅର୍ଥ ରାଶି, ଏବଂ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୨୩' ସ୍ୱରୂପ ଶ୍ରୀ ନାହାକ, ଶ୍ରୀ ମିଶ୍ର ଓ ଶ୍ରୀ ରାଉତରାୟଙ୍କୁ ୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କାଦମ୍ବିନୀ ଓ କୁନିକଥା ଜାନୁଆରୀ ସଂଖ୍ୟା ଉନ୍ମୋଚନ ହୋଇଥିଲା। କାଦମ୍ବିନୀ ଜାନୁଆରୀ ସଂଖ୍ୟା ମରାଠୀ ଅନୁବାଦ ବିଶେଷାଙ୍କ ଭାବେ ପ୍ରକାଶ ପାଇଛି। ଡ. ଇତି ସାମନ୍ତଙ୍କ ଉପନ୍ୟାସ 'ଶକୁନ୍ତଳାର ଝିଅ'ର ହିନ୍ଦୀ ଅନୁବାଦ 'ଶକୁନ୍ତଳା କି ବେଟୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ଏବଂ ଏହି ଉପନ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ ବିଶିଷ୍ଟ ଭାଷାବିତ୍ ଦେବାଶିଷ ମହାପାତ୍ର। ଏହି ଅବସରରେ 'ଶକୁନ୍ତଳା କି ବେଟୀ'ର ପ୍ରକାଶକ ଦିଲ୍ଲୀ ମେଧାବୁକ୍ସର ଅଧିକାରୀ ଅଜୟ କୁମାର ଏବଂ ଅନୁବାଦକ ଶଙ୍କରଲାଲ୍ ପୁରୋହିତ ଉପସ୍ଥିତ ଥିଲେ।

## ବିଏମ୍‌ସିର ଉଠାଦୋକାନୀ ଉଚ୍ଛେଦକୁ ବିରୋଧ କରି ଶହ ଶହ ଦୋକାନୀ ଡ୍ରୋଜର ଆଗରେ ଶୋଇଲେ

ଭୁବନେଶ୍ୱର, ୨।୧(ପି.ଏନ): ବିଶ୍ୱକପ୍ ହକି ପାଇଁ ହଜାର ହଜାର ଉଠାଦକୋନୀ ବାସହରା ହୋଇଥିବା ବେଳେ ସୋମବାର ବିଏମ୍‌ସିର ଅଧିକାରୀମାନେ ଶିଖରଚଣ୍ଡୀ ବଜାର ନିକଟରେ ଥିବା ଉଚ୍ଛେଦ ଦୋକାନୀମାନଙ୍କୁ ସେମାନଙ୍କ ଦୋକାନକୁ ଦ୍ୱିତୀୟଥର ଭାଙ୍ଗିବାକୁ ଆସିଥିବା ବେଳେ ସେଠାରେ ଶହ ଶହ ଦୋକାନୀ ଏକତ୍ରିତ ହୋଇ ଡ୍ରୋଜର ଆଗରେ ଶୋଇ ପ୍ରତିବାଦ କରିଥିଲେ।ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଘଟଣାସ୍ଥଳରେ ପହଂଚି ଦୋକାନୀମାନଙ୍କୁ ବୁଝାଶୁଝା କରିବା ପରେ ଦୋକାନୀମାନେ ପ୍ରତିବାଦରୁ ଓହରିଥିଲେ ଏବଂ ସେଠାରେ ଆଗରୁ ଉଚ୍ଛେଦ ହୋଇ ପଡ଼ିରହିଥିବା ଅଳିଆ ଆବର୍ଜନା ଗୁଡ଼ିକୁ ସଫା କରି ଆଉ କୌଣସି ଦୋକାନ ଉଚ୍ଛେଦ ନକରି ଫେରିଯିବା ପାଇଁ ଶ୍ରୀ ସାହୁ ବିଏମ୍‌ସି ଅଧିକାରୀଙ୍କୁ କହିଥିଲେ। ବିଏମ୍‌ସି ଅଧିକାରୀମାନେ ଆଉ ଦୋକାନ ଉଚ୍ଛେଦ ନକରି ଫେରିଯାଇଥିଲେ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ ।

କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ


**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।


**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।


**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।


**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।


**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।


**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।


**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।


**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।


**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।


**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।


**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।


**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖାଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ଓ୍ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲିଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

ପର୍ଯ୍ୟବେକ୍ଷକ ମହାନଗର

# ଜାଗ ଓଡ଼ିଆ





ଭାଷାକୁ ଭିତ୍ତି କରି ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ରାଜ୍ୟଭାବେ ସ୍ୱୀକୃତି ପାଇଲା ଆମ ରାଜ୍ୟ ଓଡ଼ିଶା। କିଛି ବର୍ଷ ତଳେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ଏହା ଆମ ଭାଷା ଓ ଜାତି ପାଇଁ ଗୌରବର ବିଷୟ କିନ୍ତୁ ବିଡ଼ମ୍ବନା, ଯେଉଁ ସମୟରେ ଆମେ ଭାଷାକୁ ନେଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ନୂଆ ନୂଆ ପ୍ରସ୍ତାବ ଓ ପ୍ରକଳ୍ପ ଉପସ୍ଥାପନ କରି ସମସ୍ତଙ୍କୁ ଚମକୃତ କରୁଥାନ୍ତୁ, ସେହି ସମୟରେ ଆମ ଭାଷାର ଅସୁରକ୍ଷିତ ସ୍ଥିତି ନେଇ ଆମେ ସତରେ ବା ମିଛରେ ବ୍ୟସ୍ତବିବ୍ରତ। ଯେଉଁମାନେ ଏଥିପାଇଁ ଚିନ୍ତିତ, ସେମାନେ ସମସ୍ତେ ଶିକ୍ଷିତ ଲୋକ। କହିବା ବାହୁଲ୍ୟ ଯେ ସେଇ ଶିକ୍ଷିତ ଓ ଉଚ୍ଚଶିକ୍ଷିତମାନେ ହିଁ ମାତୃଭାଷା ଓଡ଼ିଆକୁ ହୀନ ଚକ୍ଷୁରେ ଦେଖୁଥିବାରୁ ଆଜିର ସ୍ଥିତି ସୃଷ୍ଟି ହୋଇଛି। କେବଳ ଖବରକାଗଜରେ କିଛି ଲେଖା ଲେଖି ବା ସଭାରେ ବକ୍ତୃତା ଦେଇ ବୁଦ୍ଧିଜୀବୀମାନେ ନିଜର କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବୁଛନ୍ତି। ଓଡ଼ିଆ ଭାଷାକୁ ଏମାନେ ହିଁ ସଂକଟଗ୍ରସ୍ତ କରିଛନ୍ତି, ସାଧାରଣ ଲୋକେ ତାକୁ ଏପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି। ଯେଉଁମାନେ ଉଚ୍ଚଶିକ୍ଷିତ ନୁହଁନ୍ତି, ସେମାନେ ଆଜି ଓଡ଼ିଆ କହନ୍ତି, ଓଡ଼ିଆ ପଢ଼ନ୍ତି, ଓଡ଼ିଆ ଗୀତ ଗାଆନ୍ତି, ଓଡ଼ିଆ ଚଳଚ୍ଚିତ୍ର ଦେଖନ୍ତି। ଯେଉଁମାନେ ଉଚ୍ଚଶିକ୍ଷିତ, ସେମାନେ ହିନ୍ଦୀ, ଇଂରାଜୀ ପ୍ରେମରେ ଏତେ ମତ୍ତ ଯେ ଓଡ଼ିଆକୁ ନାକ ଟେକନ୍ତି। ତେଣୁ ଓଡ଼ିଆ ଭାଷାକୁ ସତରେ ଯଦି ସୁରକ୍ଷିତ ରଖିବାର ଅଛି ତେବେ ଏମାନଙ୍କୁ ପ୍ରଥମେ ଛଳନା ଓ ପ୍ରବଞ୍ଚନା ଛାଡ଼ିବାକୁ ହେବ। ଯେଉଁମାନେ ସତକୁସତ ଓଡ଼ିଆ ଭାଷାକୁ ଭଲ ପାଉଛନ୍ତି, ସେମାନେ ନିଜେ ଓଡ଼ିଆ କହିବା ସହିତ ଅନ୍ୟକୁ ଓଡ଼ିଆ କହିବା, ଲେଖିବାରେ ପ୍ରେରଣା ଦିଅନ୍ତୁ। ବ୍ୟବସାୟିକ ସଂସ୍ଥାର ନାମଫଳକଠୁ ଆରମ୍ଭ କରି ନିମନ୍ତ୍ରଣ ପତ୍ର ଯାଏଁ ସବୁଠି ଓଡ଼ିଆ ଲେଖାଯାଉ। ଦୁଃଖର କଥା, ଆଜିକାଲି ଯେଉଁଠି ବି ଓଡ଼ିଆ ଦେଖିବାକୁ ମିଳୁଛି ଅଧିକାଂଶ ଅଶୁଦ୍ଧ ଓ ବିକୃତ ଓଡ଼ିଆ। ସେସବୁକୁ ତୁରନ୍ତ ଶୁଦ୍ଧ ଓଡ଼ିଆରେ ଲେଖିବାର ବନ୍ଦୋବସ୍ତ କରାଯାଉ। ଯେଉଁମାନେ ବିଜ୍ଞ, ସେମାନେ ଅଜ୍ଞମାନଙ୍କୁ ଦିଗ୍‌ଦର୍ଶନ ଦିଅନ୍ତୁ। ସବୁ ଗଣମାଧ୍ୟମ ମଧ୍ୟ ଭାଷାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ ଓ ଖେଚୁଡ଼ି ଭାଷାରୁ ଦୂରେଇ ରହନ୍ତୁ। ପ୍ରଥମଥର ପାଇଁ ଭାଷାକୁ ନେଇ ଗଠିତ ହୋଇଥିବା ରାଜ୍ୟରେ ସେଇ ଭାଷାକୁ ହିଁ ଏତେ ଅବହେଳା ଦେଖି ଆଶ୍ଚର୍ଯ୍ୟ ଓ ଦୁଃଖିତ ହେବାକୁ ପଡୁଛି। ସରକାରୀ କ୍ଷେତ୍ରରେ ଓଡ଼ିଆ କାହିଁକି ପ୍ରଚଳନ ହେଉନାହିଁ ବୋଲି କୋଉକାଳୁ ହୁରି ପଡ଼ିଛି କିନ୍ତୁ ସାଧାରଣ କ୍ଷେତ୍ରରେ ଓଡ଼ିଆର ବହୁଳ ବ୍ୟବହାର ହେଲେ ଏବଂ ସଚେତନ ନାଗରିକ ସମାଜ ପକ୍ଷରୁ ଚାପ ପଡ଼ିଲେ ସରକାର ଆପେ ସୁଧୁରିବେ। ଏ ପର୍ଯ୍ୟନ୍ତ କେବଳ ବ୍ୟକ୍ତିଗତ ସ୍ତରରେ ସ୍ୱର ଉତ୍ତୋଳନ ହୋଇ ଆସିଛି, ଏଥର ସାମୂହିକ ଚାପ ପକାଇବା ଆରମ୍ଭ ହେଉ। କେବଳ ଭାଷା କ୍ଷେତ୍ରରେ ନୁହେଁ, ଆମେ କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଛୁ, ଛିନ୍ନମୂଳ ହେବାକୁ ବସିଛୁ। ଆମର ଅତୀତ ଯେତିକି ସଂଗ୍ରାମମୟ ଥିଲା, ହୁଏତ ଆଜି ତାହା ନାହିଁ ଅଥଚ ଆମେ ଆଗ ଅପେକ୍ଷା ଅଧିକ ନିଷ୍ପ୍ରଭ ମନେହେଉଛୁ। ଆମ ଭିତରେ ପୂର୍ବଭଳି ସେହି ସ୍ୱାଭିମାନ ନାହିଁ, ଯାହା ଆମକୁ ଜାତୀୟ ଜୀବନକୁ ପ୍ରଭାବିତ କଲା ଭଳି ଶକ୍ତି ପ୍ରଦାନ କରିବ। ସରକାର କହୁଛନ୍ତି ଆମ ରାଜ୍ୟରେ ଦାରିଦ୍ର୍ୟ କମିଛି, କିନ୍ତୁ ମନର ଦାରିଦ୍ର୍ୟ ସେତେଯେମିତି ବଢ଼ିଚାଲିଛି। ଲୋକଜୀବନକୁ ଯଥାର୍ଥ ବାଟରେ ନେବା ପାଇଁ ଯେଉଁମାନେ ଦିଗବାରେଣି ହୁଅନ୍ତେ, ସେହି ପାଠପଢ଼ୁଆ, ଶିକ୍ଷିତ ଗୋଷ୍ଠୀଟି ଏତେ ସ୍ୱାର୍ଥପର ଓ ପ୍ରବର୍ତ୍ତକ ହୋଇଯାଇଛନ୍ତି ଯେ ଆପଣା ଚିନ୍ତା ଛଡ଼ା ମୁହୂର୍ତ୍ତେ ବି ଅନ୍ୟ ଶୋଷିତ, ବଞ୍ଚିତଙ୍କ ପାଇଁ ଭାବିବାକୁ କୁଣ୍ଠିତ। ଆମ ଭିତରୁ ଅଧିକାଂଶ ଏବେ କୌଣସି ସ୍ୱାଧୀନ ଓ ସ୍ୱତନ୍ତ୍ର ଚିନ୍ତା କରିବାରେ ଅକ୍ଷମ। ସରକାରୀ ନୀତି ଏଥିପାଇଁ ଦାୟୀ ହୋଇଥିଲେ ହେଁ ଆମେ ନିଜେ ମଧ୍ୟ କ'ଣ କମ ଦାୟୀ ? ସରକାର ବା ପ୍ରଶାସନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଆମର ସ୍ୱାଭିମାନକୁ ନଷ୍ଟ କରିସାରିଛି। ଏଥିରୁ ଉଧୁରିବାକୁ ହେଲେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ପ୍ରକୃତ ଶିକ୍ଷା ଆମକୁ ଏ ଦିଗରେ ସାହାଯ୍ୟ କରିବ। କେବଳ ଅତୀତକୁ ଝୁରିହେଲେ କିଛି ହେବନାହିଁ ବର୍ତ୍ତମାନକୁ ସୁଦୃଢ଼ କରିବା ପାଇଁ ଉଦ୍‌ଯୋଗ କରିବାକୁ ହେବ। ରାଜନୀତିକୁ ପଛରେ ପକାନ୍ତୁ ସବୁଠାରୁ ବଡ଼ ହେଉଛି ଆମ ରାଜ୍ୟର ସଂକଳ୍ପବଦ୍ଧ ଭାଷା ପ୍ରୀତି ଓ ଭଲପାଇବା। ଏହାକୁ ଆମେ ସମସ୍ତେ ଏକ ଆହ୍ୱାନ ଭାବେ ଗ୍ରହଣ କରିବା କଥା। ଏହା ହିଁ ଆମର ଓ ଆମ ଜାତିର ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରିବ। ଓଡ଼ିଶା ଦିବସରେ ଆମେ ଏସବୁ ପ୍ରତି ଜାଗ୍ରତ ରହିବାକୁ ସଂକଳ୍ପ କରିବା।

**ସତ୍ୟ ମହାପାତ୍ର**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ: ୯୬୫୮୧୦୫୫୩୨

## ଚିତ୍ରଶିଳ୍ପୀ ହିମାଂଶୁ ଦାସଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟରେ ଚିତ୍ରକଳା କ୍ଷେତ୍ରରେ ଜଣେ ପ୍ରତିଭାବାନ ଯୁବ ଚିତ୍ରଶିଳ୍ପୀ ଭାବେ ହିମାଂଶୁ କୁମାର ଦାସଙ୍କୁ କଟକର ଶ୍ରୀ ଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ, ରାଉରକେଲାର ଅଗ୍ନିସ୍ଫୁଲିଙ୍ଗ ଏବଂ କଟକର ଓଡିଶା ପୂଜ୍ୟପୂଜା ପରିଷଦର ମିଳିତ ଆନୁକୁଲ୍ୟରେ କଟକ ଗୌରୀଶଙ୍କର ସ୍ଥିତ କର୍ମବୀର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳାକାର ସମାବେଶ ତଥା ସାରସ୍ୱତ ସମ୍ବର୍ଦ୍ଧନା ମହୋତ୍ସବରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଡଃ. ପ୍ରସନ୍ନ ପାଟଶାଣୀ, ମୁଖ୍ୟବକ୍ତା ଭାବେ ଡଃ. ହୁସେନ ରବି ଗାନ୍ଧି ଓ ସମ୍ମାନୀତ ଅତିଥି ଭାବେ ଗୋପିନାଥ ପଟ୍ଟନାୟକ, ନୀଳଗିରିର ରାଜା ସାହେବ ହରିଚନ୍ଦନ, ନୀଳଗିରିର ରାଣୀ ମନୋଜା ମଞ୍ଜରୀ ଦେବୀ, ଅଧ୍ୟକ୍ଷ ଆର୍ଯ୍ୟକବି ପଣ୍ଡିତ ଡଃ. ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଲବ୍ଧପ୍ରତିଷ୍ଠିତ ଚିତ୍ରଶିଳ୍ପୀ ହିମାଂଶୁ କୁମାର ଦାସଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗାୟକ ସ୍ୱରସୁଧାଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା (ପିଏନ)- ସ୍ୱନାମଧନ୍ୟ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ବି ଗ୍ରେଡ ମାନ୍ୟତା ପ୍ରାପ୍ତ ଧୁଡୁକି ,ଏକତାରା ବାଦକ ଓ ଗାୟକ ସ୍ୱରସୁଧା ସ୍ୱର୍ଗତଃ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାଦଶାହ ପାଳନ ଅବସରରେ ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମସ୍ଥିତ ନିଜ ବାସଭବନ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା ଓ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଳିନୀକା' ପଣ୍ଡା ମୁଖ୍ୟବକ୍ତା ଓ ଗାୟକ ମିହିର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାକାର ତାର କୀର୍ତି ଓ କୃତି ପାଇଁ ସର୍ବଦା ଅମର ରହିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ଦିବଂଗତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଅମର ଆତ୍ମାର ସଦଗତି ନିମିତ



ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ସନ୍ତୋଷ ମହାପାତ୍ରଙ୍କ ବେଦପାଠ ଓ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳୀ ସଙ୍ଗୀତ ପରିବେଷଣ ପରେ "ଅନନ୍ୟ ପ୍ରତିଭା" ନାମକ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦିବଂଗତଙ୍କ ସ୍ମୃତିରେ ପ୍ରଫେସର ଶ୍ରୀ ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ଧୁଡୁକି ବାଦକ ସଞ୍ଜୟ କୁମାର ମହାନ୍ତି ଓ ତାଙ୍କ ସାଥି ସୁକାନ୍ତ କୁମାର ଭକ୍ତି ସଙ୍ଗୀତ ଗାନ କରିଥିଲେ । ଏଥିରେ ଡଃ ଶରତ କୁମାର ଚଉଁରୀ, ସନ୍ତୋଷ ଦାସ, ରବି ଦାଶ, ଯଜ୍ଞେଶ୍ୱର ମଙ୍ଗରାଜ, ପଣ୍ଡିତ ରଂଜନ କୁମାର ଦାଶ, ବିନୋଦ ବିହାରୀ ରାଉତରାୟ, ଗଙ୍ଗାଧର ଓଝା, ସୁଧାକର ସେଠୀ, ସନ୍ଧ୍ୟାରାଣୀ ରାଣୀ ମହାପାତ୍ର, ସୁଦୀକ୍ଷା ମହାପାତ୍ର ଓ ସବିତା ଶୁକ୍ଳା ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଶେଷରେ କଣ୍ଠଶିଳ୍ପୀ ସଂଜୟ କୁମାର ପାଣିଗ୍ରାହୀ ଅନ୍ତିମ ସଙ୍ଗୀତ ଗାନ କରିଥିବା ବେଳେ କନିଷ୍ଠ ଭ୍ରାତା ସୁରେଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ଧାରୁଆରେ ବିଶ୍ୱଶାନ୍ତି ଯଜ୍ଞ

ଭୁବନେଶ୍ୱର (ପିଏନ୍): ଚଳିତ ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ, ଇଂରାଜୀ ତା୧୩.୦୩. ୨୦୨୨ରିଖ ରବିବାର ଦିନ ଅନ୍ଧାରୁଆ ଗ୍ରାମସ୍ଥିତ ପ୍ରବୁଦ୍ଧ ବିହାର (ପାଦପଦ୍ମ ମୁଣ୍ଡିଆ)ଠାରେ ବ୍ରହ୍ମ ଅବଧୂତ ଜୟକୃଷ୍ଣ ବାବାଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ବ୍ରହ୍ମ ଅବଧୂତ ବ୍ରଜବନ୍ଧୁ ବାବାଙ୍କ ଅଧକ୍ଷତାରେ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଅଛି। ଉକ୍ତ ମହତ କାର୍ଯ୍ୟାନୁଷ୍ଠାନରେ ମହିମା ଧର୍ମ ସମାଜର ପର ସନ୍ନ୍ୟାସୀ ଓ ଅପର ସନ୍ନ୍ୟାସୀ ସାଧୁବୃନ୍ଦ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଉକ୍ତ ଶୁଭ କାର୍ଯ୍ୟ ଅବସରରେ ଅଖଣ୍ଡ ଘୃତାବତୀ ପ୍ରଜ୍ୱଳନ, ବ୍ରହ୍ମ ଧୂନୀ ସ୍ଥାପନ, ମହିମା ବାଲ୍ୟଲୀଳା, ପ୍ରଭୁ ନାମ ଭଜନ ଗାୟନ, ଧର୍ମସଭା ଓ ବିଶ୍ୱ ଜଗତର ମଙ୍ଗଳ ନିମନ୍ତେ ଅଲେଖ ମହାପ୍ରଭୁଙ୍କଠାରେ ସମବେତୀ ପ୍ରାର୍ଥନାଦି କାର୍ଯ୍ୟକ୍ରମ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅନ୍ଧାରୁଆ ଗ୍ରାମବାସୀ ଓ ମହିମା ଧର୍ମର ଭକ୍ତବୃନ୍ଦମାନେ ସୁଚାରୁରୂପେ ପରିଚାଳନା କରିଥିଲେ ବୋଲି ଭକ୍ତ ନାରାୟଣ ଖୁଣ୍ଟିଆ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଥିଲେ।

### ହୃଦ୍‌ଘାତରେ ଧର୍ମପରାୟଣ ବ୍ୟକ୍ତିଙ୍କ ମୃତ୍ୟୁ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ଅସରଫ ଖାନ ୬୨ ବର୍ଷ ବୟସରେ ହୃଦ୍‌ଘାତରେ ନିଜ ବାସଗୃହରେ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ସରଳ, ନିଷ୍କପଟ, ଧୀର, ଶାନ୍ତ ଓ ଧର୍ମପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ତାଙ୍କ ମରଶରୀରକୁ ଧାର୍ମିକ ରୀତିନୀତି ଅନୁଯାଇ ଗ୍ରାମ୍ୟ କବର ସ୍ଥାନରେ କବର ଦିଆଯାଇଥିଲା । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

# ଚେନ୍ନାଇର ଚାଇନା ଲବି



ଭାରତର ମୋଟ ଜିଡିପି ଯେତେ ଆପଲ କମ୍ପାନୀର ବାଣିଜ୍ୟ ସେତେ ବୋଲି ଖବର ପ୍ରକାଶ ପାଇଛି । ତିନି ଟ୍ରିଲିଅନ ଡଲାର ବାର୍ଷିକ ବାଣିଜ୍ୟକରି ଆପଲ କମ୍ପାନୀ ମାଇଲଖୁଣ୍ଟ ସ୍ଥାପନା କରିଛି । ଅଥଚ ଚୀନ ପରେ ଭାରତରେ ଉତ୍ପାଦନ କେନ୍ଦ୍ର ଖୋଲିଥିବା ଏହି କମ୍ପାନୀ ଏବେ ନିଜର ଚେନ୍ନାଇସ୍ଥିତ କାରଖାନାକୁ ବନ୍ଦ କରିଛି । ଆଇଫୋନ୍ ଉତ୍ପାଦନ ହେଉଥିବା ଏହି କମ୍ପାନୀ ଏବେ ଚୀନର ଷଡଯନ୍ତ୍ର ଓ ଭାରତରେ ଥିବା ଚୀନା ସମର୍ଥକଙ୍କ ଷଣ୍ଢଆସୀ ଆକ୍ରମଣର ଶିକାର ହୋଇ କମ୍ପାନୀର ଉତ୍ପାଦନ ବନ୍ଦ ରଖିବାକୁ ବାଧ ହୋଇଛି । ଏଠାରେ କାର୍ଯ୍ୟରତ ସତର ହଜାର ଶ୍ରମିକଙ୍କ ଆନ୍ଦୋଳନ ଯୋଗୁ କମ୍ପାନୀ ସଙ୍କଟର ସମ୍ମୁଖୀନ ହୋଇ କ୍ଷତି ସହିବାରେ ଲାଗିଛି ।

"ବଞ୍ଚିବା ପାଇଁ ଗୋଟିଏ ବାଟ ଲଢେଇ ଆଉ ଧର୍ମଘଟ"- ଏହି ସ୍ଲୋଗାନକୁ ପାଥେୟ କରି କାର୍ଯ୍ୟରତ ବାମପନ୍ଥୀ ଶ୍ରମିକଗୋଷ୍ଠୀ କିପରି ଅତୀତରେ ପଶ୍ଚିମବଙ୍ଗର କମ୍ପାନୀଗୁଡିକରେ ତାଲା ପକାଇ ସବୁଦିନ ପାଇଁ ସଂସ୍ଥାଗୁଡିକୁ ବନ୍ଦ କରିଦେବାକୁ ସକ୍ଷମ ହୋଇଥିଲେ ତାହା ସମସ୍ତଙ୍କୁ ଜଣାଅଛି । ଏବେ ସେହି ଗୋଷ୍ଠୀ ଚୀନ ପାଇଁ ବ୍ୟାଟିଂ କରିବାକୁ ବାହାରି ଚେନ୍ନାଇର ଆପଲ କମ୍ପାନୀକୁ ବନ୍ଦ କରିଦେବାକୁ ଅଣ୍ଟାଭିଡି ବାହାରିଛନ୍ତି । ଦେଖିବାକୁ ଗଲେ କେରଳ ପରି ତାମିଲନାଡୁରେ କେନ୍ଦ୍ର ସରକାର ଓ ମୋଦିଙ୍କ ବିରୋଧରେ ଅନେକ ଗୋଷ୍ଠୀ ବେଶ୍ ସକ୍ରୀୟ ରହିଛନ୍ତି । ସେମାନେ ଏବେ ହିନ୍ଦୀ-ହିନ୍ଦୁ-ହିନ୍ଦୁସ୍ଥାନର ବିରୋଧରେ କାର୍ଯ୍ୟ କରିବାକୁ ମେଣ୍ଟ ଗଢିଛନ୍ତି । ଏହି ଗୋଷ୍ଠୀରେ କେନ୍ଦ୍ର ବିରୋଧୀ ଡିଏମ୍‌କେ, କଂଗ୍ରେସ, ସାମ୍ୟବାଦୀ, ମୁସଲିମ ଏବଂ ଖ୍ରୀଷ୍ଟିଆନଙ୍କ ସଂଗଠନ ସହ ସେମାନଙ୍କ ସହଯୋଗୀ, ଗଣମାଧ୍ୟମ ଆଦି ରହିଛନ୍ତି । ପ୍ରଚାର କ୍ଷେତ୍ରରେ ଚୀନର ପେ-ଲିଷ୍ଟରେ ଆଗରେ ରହିଛି "ଦି ହିନ୍ଦୁ" ଖବରକାଗଜ, ଯାହା ପ୍ରତି ଦୁଇଦିନରେ ଥରେ ଜିନପିଙ୍ଗଙ୍କ ସଂକୀର୍ତ୍ତନ କରିବାକୁ ଭୁଲ କରେନାହିଁ । ଯେଉଁଥି ପାଇଁ ଚୀନ କମ୍ୟୁନିଷ୍ଟ ପାର୍ଟିର ୧୦୦ବର୍ଷ ପୂର୍ତ୍ତି ଅବସରରେ ଏହି ଖବରକାଗଜର ମୁଖ ପୃଷ୍ଠା ଭରି ବିଜ୍ଞାପନ ମିଳିଥିଲା ଚୀନ ସରକାରଙ୍କ ଠାରୁ । ଚୀନା ନିବେଶ, ପ୍ରକଳ୍ପ ଏବଂ ଶିଳ୍ପର ସୁରକ୍ଷା ପାଇଁ ଏହି ଖବରକାଗଜର ପ୍ରକାଶନ ସମୂହ ଆଜିଯାଏ ଚୀନ ସରକାରଙ୍କ ସ୍ୱାର୍ଥରେ ନିଷ୍ପାପର ଭାବେ କାର୍ଯ୍ୟକରି ଆସିଛି ଏବଂ ସେଥିପାଇଁ ଚୀନ ସରକାରଠାରୁ ମଧ୍ୟ ଆର୍ଥିକ ପୁରସ୍କାର ଲାଭ କରିଆସୁଛି । କେନ୍ଦ୍ର ସରକାରଙ୍କ ବିବିଧ ଯୋଜନାକୁ କିପରି ବିଫଳ କରିହେବ ସେଥିପାଇଁ ଏହି କାଗଜ ସମାଲୋଚନାର କୀଳା ସଜାଡି ଥାଏ । ପିଏଲଆଇ ସ୍କିମରେ ଯେଉଁ ତାଇୱାନ କମ୍ପାନୀ ଭାରତରେ ଉତ୍ପାଦନ କରିବାକୁ ଚୀନଛାଡି ଭାରତ ଆସିଲେ ସେମାନଙ୍କ ବିରୋଧରେ ଯୋଜନାବଦ୍ଧ ଭାବେ ଏହି ଖବରକାଗଜରେ ସମ୍ବାଦମାନ ପ୍ରକାଶ କରାଗଲା । ସେମାନେ ଶ୍ରମ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି କହି ବାମପନ୍ଥୀ ଶ୍ରମିକ ସଂଗଠନ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରାଗଲା । ତାଇୱାନ କମ୍ପାନୀକୁ କିପରି ଭାରତରେ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ, ଚୀନ ସରକାରଙ୍କ ସ୍ୱାର୍ଥରେ ସେମାନଙ୍କର କାରଖାନାକୁ କିପରି ନଷ୍ଟ କରାଯିବା, ସେଥିପାଇଁ ଷଡଯନ୍ତ୍ର ହେଲା । ସାଧାରଣ ବିଷୟକୁ ଅସାଧାରଣକରି ପ୍ରଚାର କରାଯିବା ସହ ସରକାରୀ ଚାପ ପ୍ରୟୋଗ କରିବାକୁ କ୍ଷେତ୍ର ପ୍ରସ୍ତୁତ କରାଗଲା । ବିଗତ ଦିନମାନଙ୍କରେ ଏହି ଗୋଷ୍ଠୀଗୁଡିକର ଷଡଯନ୍ତ୍ର ଯୋଗୁ ଅନେକ କାରଖାନାରେ ତାଲା ଝୁଲିଛି । ତେଣୁ କେନ୍ଦ୍ର ସରକାର ଗୋଟିଏ ପଟେ ଆତ୍ମନିର୍ଭର ଭାରତ ଆହ୍ୱାନ ଦେଇ ହଜାର ହଜାର କୋଟିର ପ୍ରୋତ୍ସାହନ ରାଶି ମାଧ୍ୟମରେ ବିଦେଶୀ ଶିଳ୍ପକୁ ଭାରତରେ ଉତ୍ପାଦନ କରିବାକୁ ଆହ୍ୱାନ ଦେଲାବେଳେ ଦ୍ରାବିଡନାଡୁର ଏହି ଗାତ୍ରଦାହୀ ଗୋଷ୍ଠୀ ସବୁ ଯୋଜନାଗୁଡିକୁ ବିଫଳ କରିବାରେ ଲାଗିଛନ୍ତି । ଦେଶ ବିରୋଧୀ କାର୍ଯ୍ୟରେ ସାମିଲଥିବା ଏହିସବୁ ଶକ୍ତି ସମ୍ବିଧାନର ଆଳରେ ଦେଶରେ ଅଶେଷ କ୍ଷତିସାଧନ କରିବାରେ ଲାଗିପଡିଛନ୍ତି । ନିକଟରେ ତାମିଲନାଡୁର ଚେନ୍ନାଇ ନିକଟସ୍ଥ ପେରୁମ୍ବୁଦୁରଠାରେ ଥିବା ଫୋକ୍ସକନ୍ କମ୍ପାନୀରେ ଶ୍ରମିକ ଅଶାନ୍ତି ପଛରେ ଚୀନର ହାତଥିବା ସଂକ୍ରାନ୍ତରେ ଇଂରାଜୀ ଦି ୱିକ ପକ୍ଷରୁ ପ୍ରକାଶ ପାଇଛି । ଆପଲ ପାଇଁ ମୋବାଇଲ ନିର୍ମାଣକାରୀ ଏହି କମ୍ପାନୀରେ ସଂଗଠିତ ୧୭୦୦୦ କର୍ମଚାରୀଙ୍କ ଆନ୍ଦୋଳନ ପଛରେ ଯେଉଁ ଶ୍ରମିକ ସଂଗଠନଗୁଡିକ କାର୍ଯ୍ୟ କରୁଥିଲେ ସେମାନଙ୍କ ସହ ଚୀନର ଏଜେଣ୍ଟମାନଙ୍କ ହାତଥିବା ନେଇ ଗୋଇନ୍ଦା ଖବର ପ୍ରକାଶ ପାଇଛି । କ୍ୟାଣ୍ଟିନରେ ଖାଦ୍ୟର ଗୁଣବତ୍ତାକୁ କେନ୍ଦ୍ର କରି ହୋଇଥିବା ଅଭିଯୋଗ ଓ କମ୍ପାନୀର ଉତ୍ପାଦନ ବନ୍ଦ କରାଯିବାକୁ ଶ୍ରମିକ ସଂଗଠନ ଓ ରାଜନେତାଙ୍କ ଚାପ ତଥା ମିଡିଆର ପ୍ରଚାର ପଛରେ ଚୀନର ଯୋଜନା ରହିଛି । କାରଣ ଆମେରିକା-ଚୀନ ଲଢେଇରେ ଭାରତ ଉତ୍ପାଦନର ବିକଳ୍ପ କେନ୍ଦ୍ରଭାବେ ମୁଣ୍ଡ ଟେକୁଥିବା ଯୋଗୁ ଚୀନର ଗାତ୍ରଦାହ ବଢିଛି । ଭାରତରେ କାର୍ଯ୍ୟରତ ତାଇୱାନର କମ୍ପାନୀ-ଗୁଡିକ ହେଲେ କର୍ଣ୍ଣାଟକର ନରସାପୁରାସ୍ଥିତ ୱିଷ୍ଟ୍ରନ୍ ଇନ୍‌ଫୋକମ୍, ଚେନ୍ନାଇ ନିକଟସ୍ଥ ମହିନ୍ଦ୍ରା ସିଟୀରେ ଥିବା ପେଗାଟ୍ରନ ଟେକ୍‌ନୋଲୋଜି ପ୍ରା ଲିମିଟେଡ୍ । କିଛିମାସ ତଳେ ସମାନ ଢଙ୍ଗରେ ୱିଷ୍ଟ୍ରନ୍‌ର ଉତ୍ପାଦନକୁ ବନ୍ଦ କରି ଦିଆଯାଇଥିଲା । ସେଠାରେ କମ୍ପାନୀ ଭଙ୍ଗାରୁଜା ପାଇଁ ଏସ୍‌ଏଫ୍‌ଆଇର ଜଣେ ଛାତ୍ରନେତାଙ୍କୁ ଗିରଫ କରାଯାଇ ଥିଲା ଯିଏକି ସିପିଏମ୍‌ର ଛାତ୍ର ଶାଖାର ସଦସ୍ୟ । ଅତୀତରେ ସନମିନା, ଫୋର୍ଡ, ପିପିଜି ଏସିଆନ ପେଣ୍ଟସ, ଏନ୍‌ଫିଲ୍ଡ ଇଣ୍ଡିଆ ଲିମିଟେଡ୍ ପରି ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକରେ ଆନ୍ଦୋଳନ ହୋଇ ତାଲା ପଡିଥିଲା । କମ୍ପାନୀ ପରିସର ଭିତରେ ଶ୍ରମିକ ସଂଗଠନର କାର୍ଯ୍ୟକୁ ଅନୁମତି ମିଳିନଥିଲା । ଶ୍ରମିକ ସଂଗଠନ ସହ ସଂପୃକ୍ତ ଥିବା ଶ୍ରମିକମାନଙ୍କର ଋକିରୀ ସୁରକ୍ଷା ନଥିଲା । ସେମାନେ ଠିକାରେ କାମ କରୁଥିଲେ । ତେଣୁ ପେସାଦାର ଶ୍ରମିକ ନେତାମାନେ ରାଜନେତା ଏବଂ ଗଣମାଧ୍ୟମକୁ ହାତ କରି କମ୍ପାନୀ ଭିତରେ ଶ୍ରମିକଙ୍କ ପାଇଁ ସୁବିଧା ନଥିବା ଅଭିଯୋଗ ଆଣିଥିଲେ । ଅଭିଯୋଗ ଆଧାରରେ ନିଉ ଡେମୋକ୍ରାଟିକ ଲେବର ଫ୍ରଣ୍ଟ, ପିପୁଲସ ଡେମୋକ୍ରାଟିକ୍ ୟୁଥ ଆସୋସିଏସନ୍, ପିପୁଲସ ରାଇଟସ୍ ପ୍ରୋଟେକସନ ସେଣ୍ଟର, ଷ୍ଟୁଡେଣ୍ଟସ୍ ଫର ରାଇଜିଙ୍ଗ୍ ମୁଭମେଣ୍ଟ ଆଦି ସଂଗଠନର ନେତୃତ୍ୱରେ ଆନ୍ଦୋଳନ ହେଲା । ଫଳରେ କମ୍ପାନୀ କାମବନ୍ଦ କରିବାକୁ ନିଷ୍ପତ୍ତି ନେଲା ।

କାରଣ ରାଜ୍ୟ ସରକାରଙ୍କ ଯେଉଁ ପ୍ରତିନିଧିମାନେ କମ୍ପାନୀର ପରିଦର୍ଶନରେ ଗଲେ ସେମାନେ ଶ୍ରମିକ ସଂଗଠନଙ୍କ ଭାଷାରେ ହିଁ ମତ ଦେଲେ । ପ୍ରତି ଶ୍ରମିକକୁ ଅତି କମ୍‌ରେ ୫୦ ବର୍ଗ ଫିଟ ସ୍ଥାନ ହଷ୍ଟେଲରେ ଦେବାକୁ, ବିଦ୍ୟୁତ କାଟ ବେଳେ ଇନ୍‌ଭର୍ଟର ଯୋଗାଇ ଦେବାକୁ ଦାବି ହେଲା । ଫକ୍ସକନ୍ କମ୍ପାନୀ ଶ୍ରମିକଙ୍କ ପାଇଁ ପ୍ରଥମେ ସବୁ ସୁବିଧାର ବ୍ୟବସ୍ଥା କରିବାକୁ ରାଜ୍ୟର ଶ୍ରମମନ୍ତ୍ରୀ ସିଭି ଗଣେଶନ କହିଛନ୍ତି ।

ତାମିଲନାଡୁର ଶ୍ରୀ ପେରୁମ୍ବୁଦୁର ଅଞ୍ଚଳରେ ସିପିଏମ୍‌ର ଶ୍ରମିକ ସଂଗଠନ ସିଟୁର ପ୍ରଭାବ ରହିଛି । ଅତୀତରେ ୨୦୧୪ରେ ନୋକିଆର ହ୍ୟାଣ୍ଡସେଟ୍ ଫକ୍ସକନ୍ ନିର୍ମାଣ କରୁଥିଲା । ନୋକିଆ ହ୍ୟାଣ୍ଡସେଟକୁ ମାଇକ୍ରୋସଫ୍ଟ କମ୍ପାନୀ ସେତେବେଳେ ୭ ବିଲିଅନ ଡଲାର ଦେଇ କିଣିଥିଲା । ଟିକସ ଦେଣନେଣକୁ କେନ୍ଦ୍ର କରି ବିବାଦ ସୃଷ୍ଟି ଯୋଗୁ ସେହି କମ୍ପାନୀ ବନ୍ଦ ହୋଇଥିଲା । ପୂର୍ବରୁ ତାମିଲନାଡୁର ଫୋର୍ଡ କାର କମ୍ପାନୀ ତାର କାରଖାନାକୁ ବନ୍ଦ କରିବାକୁ ବାଧ ହେବାପରେ ଭାରତ ଛାଡି ଋଲିଗଲା ସେହି କମ୍ପାନୀକୁ ଅଧିଗ୍ରହଣ କରିବାକୁ ଟାଟା କମ୍ପାନୀ ଚେଷ୍ଟା ଚଳାଇଛି । ଦେଖିବାକୁ ଗଲେ ଆପଲ କମ୍ପାନୀର ଉତ୍ପାଦନ ଚୀନ, ବ୍ରାଜିଲ ଏବଂ ଭାରତରେ ରହିଛି । ଯଦି ଏପରି ଅଯଥା ଶ୍ରମିକ ଅଶାନ୍ତି ଲାଗିରହେ ତେବେ ଚେନ୍ନାଇ କୋଲକାତାର ସ୍ଥାନ ନେବାକୁ ଅଧିକ ସମୟ ନେବ ନାହିଁ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଚେନ୍ନାଇସ୍ଥିତ ଫକ୍ସକନ୍ କମ୍ପାନୀର ଖାଦ୍ୟ ସ୍ଥାନୀୟ କଣ୍ଟ୍ରାକ୍ଟର ଯୋଗାଇଥାଏ । ଖାଦ୍ୟପ୍ରସ୍ତୁତିର ମାନକୁ କେନ୍ଦ୍ର କରି ଉଠିଥିବା ପ୍ରଶ୍ନ ସହ କମ୍ପାନୀର ସିଧା ସଂପୃକ୍ତି ନାହିଁ । ତଥାପି ସ୍ଥାନୀୟ କଣ୍ଟ୍ରାକ୍ଟର ଖାଦ୍ୟର ଗୁଣବତ୍ତା ବଜାୟ ରଖିବାକୁ କୁହାଯାଇଛି । କମ୍ପାନୀର ହଷ୍ଟେଲରେ ପରଷା ଯାଇଥିବା ଖାଦ୍ୟଖାଇ ଶ୍ରମିକ ଅସୁସ୍ଥ ହୋଇପଡିଥିଲେ । ଡିସେମ୍ବର ୧୫ରେ ପ୍ରଥମେ ଏହା ବିରୋଧରେ ଛୋଟ ଆନ୍ଦୋଳନ ଆରମ୍ଭ ହୋଇ ୧୯ ଡିସେମ୍ବରକୁ ଚେନ୍ନାଇ-ବାଙ୍ଗାଲୋର ସଡକ ପଥକୁ ବନ୍ଦ କରାଯାଇଥିଲା । ଅସୁସ୍ଥ କର୍ମଋରୀମାନଙ୍କୁ ପୁନାମାଲ୍ଲେ, ନେମାସ, ଥିରୁମାଝିସାଇ, ଆନ୍ନାନଗର, ଅମ୍ବାଟୁର, ଭେଲାପାଞ୍ଚୱାଡି, କିଲପକର ଡାକ୍ତରଖାନାଗୁଡିକରେ ଭର୍ତ୍ତି କରାଯାଇଥିଲା । କାଞ୍ଚିପୁରମ୍ ଜିଲ୍ଲାପାଳ ଏମ୍. ଆରତିଙ୍କ କହିବାନୁସାରେ କମ୍ପାନୀ ପକ୍ଷରୁ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ କୁହାଯାଇଛି । କାରଣ କମ୍ପାନୀ ପରିସରରେ ରହୁଥିବା ୭୦୦୦ ମହିଳା ଶ୍ରମିକଙ୍କୁ କଣ୍ଟ୍ରାକ୍ଟର କିମ୍ବା ଏଜେଣ୍ଟମାନେ ଆଣି ରଖାଇଛନ୍ତି । ଡିସେମ୍ବର ୧୮ରେ ମହିଳା ଶ୍ରମିକମାନେ ଅସୁସ୍ଥ ହେବାପରେ କାରଖାନା କର୍ତ୍ତୃପକ୍ଷ ବ୍ୟବସ୍ଥାରେ ସୁଧାର ପାଇଁ ଉତ୍ପାଦନ ବନ୍ଦ ରଖିବା କଥା କହିଛନ୍ତି । ପ୍ରାୟ ୧୧ଜଣ କଣ୍ଟ୍ରାକ୍ଟର ଶ୍ରମିକଙ୍କ ଖାଦ୍ୟ ଯୋଗାଣରେ ଥିବାରୁ କମ୍ପାନୀ ସେମାନଙ୍କଠାରୁ ଉତ୍ତରଦାୟିତ୍ୱ ଆବଶ୍ୟକ କରୁଛି । ଜିଲ୍ଲା ପ୍ରଶାସନର କମ୍ପାନୀ ଏବଂ ସ୍ଥାନୀୟ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ଯୋଗସୂତ୍ର ରହିବା ଆବଶ୍ୟକ। କୌଣସି ସ୍ଥାନୀୟ ଅସନ୍ତୋଷକୁ ଆଧାର କରି ଚୀନର ଲବି ଯେପରି ଢେଙ୍ଗ ପଡୁଛନ୍ତି ସବୁକିଛି ବନ୍ଦ କରିବାକୁ, ତାହା ଶିଳ୍ପ ପାଇଁ କ୍ଷତିକାରକ। ରାଜ୍ୟ ଓ କେନ୍ଦ୍ର ସରକାର ଶିଳ୍ପ ବିରୋଧୀ ଏହି ପେସାଦାର ଧର୍ମଘଟକାରୀଙ୍କଠାରୁ ଶିଳ୍ପଗୁଡିକୁ ରକ୍ଷା କରିବା ପାଇଁ ଆବଶ୍ୟକ ନୀତି ପ୍ରଣୟନ କରିବା ଜରୁରୀ ହୋଇ ପଡିଲାଣି ।

**ସୌମେନ୍ଦ୍ର ଜେନା**
ଭାରତୀୟ ସମ୍ବାଦ ସେବା (ଭାସ୍),
ଭୁବନେଶ୍ୱର-୭୫୧୦୦୩

# ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ଘଣ୍ଟନାଦ ସହ ବିକ୍ଷୋଭ

ରାଉରକେଲା (ପିଏନ୍): ସମ୍ପ୍ରତି ରାଜ୍ୟର ନିର୍ବାଚନ ସରିବା ପରେ କେନ୍ଦ୍ରର ମୋଦି ସରକାର କିପରି ପ୍ରତ୍ୟେକ ଦିନ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କରିଛନ୍ତି ଓ ରନ୍ଧନ ଗ୍ୟାସର ଦର ୧୦୩୦ ଟଙ୍କାରେ ପହଞ୍ଚାଇଛନ୍ତି ତାହା ଅତ୍ୟ' ନିନ୍ଦନୀୟ ବୋଲି କଂଗ୍ରେସ ତରଫରୁ କୁହାଯାଇ ଏହି ଦରବୃଦ୍ଧିକୁ ତୁର' ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି । ଭାରତୀୟ ଜାତୀୟ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଆଜିଠାରୁ ଦେଶବ୍ୟାପି ଆରମ୍ଭ ହୋଇଥିବା ମହଙ୍ଗାଇ ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ସାମିଲ୍ ହୋଇ ଏହି ଦରଦାମ୍ ବୃଦ୍ଧିର ଘଣ୍ଟନାଦ ପ୍ରତିବାଦ ବିକ୍ଷୋଭ ସ୍ଥାନୀୟ ଏସ୍‌ଟିଆ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ଶ୍ରୀ ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶା' ସେଠୀ, ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପିସିସିର ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଇନ୍‌ଟକ ସଭାପତି ନିହାର ଦାସ, ଓବିସି ଅଧକ୍ଷ ବୈଲୋଚନ ସାହୁ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, କଂଗ୍ରେସ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ଓ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା ପ୍ରମୁଖ ଏହି ବିକ୍ଷୋଭରେ ଅଂଶଗ୍ରହଣ କରି ମୋଦି ସରକାରର ଜନ ବିରୋଧି ନୀତିର ତୀବ୍ର ପ୍ରତିବାଦ କରିଥିଲେ । ବିଗତ ଦିନରେ ୫ଟି ରାଜ୍ୟର ନିର୍ବାଚନକୁ ଆଖି ଆଗରେ ରଖି ମୋଦି ସରକାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର କିଛି କିଛି ହ୍ରାସ କରିଥିବା ବେଳେ ସମ୍ପ୍ରତି ନିର୍ବାଚନ ପରେ ପ୍ରତ୍ୟେକ ଦିନ ଏସବୁର ଦରବୃଦ୍ଧି କରିବାରେ ଲାଗିଛନ୍ତି । କରୋନା ସଂକଟ ଅଦ୍ୟାବଧି ଟଳି ନଥିବା ବେଳେ ସାଧାରଣ ଲୋକଙ୍କର ରୋଜଗାର ବିଶେଷ ପ୍ରଭାବିତ ହୋଇଛି । ଏହି ପରିସ୍ଥିତିରେ ବିଭିନ୍ନ ସାମଗ୍ରୀ ଉପରେ ଲୋକଙ୍କୁ ରିହାତିର ଆବଶ୍ୟକତା ଥିବାବେଳେ ମୋଦି ସରକାର ତାଙ୍କ କିଛି ପୁଞ୍ଜିପତି ମିତ୍ରଙ୍କ ସମ୍ପତ୍ତି ବୃଦ୍ଧି କରିବା ପାଇଁ ସାଧାରଣ ଗରିବ ଲୋକଙ୍କ ପକେଟରୁ ପଇସା ଏହି ଦରବୃଦ୍ଧି ଜରିଆରେ କାଢି ନେଉଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ । ସମ୍ପ୍ରତି ଋଷ ଓ ୟୁକ୍ରେନର ଯୁଦ୍ଧ ପାଇଁ ପେଟ୍ରୋଲ, ଡିଜେଲର ଦରବୃଦ୍ଧି ଘଟୁଛି ବୋଲି କହୁଥିବା ମୋଦି ସରକାର ବିଗତ ଦିନରେ ଏ ସବୁର ଦରବୃଦ୍ଧି କରିବା ବେଳେ କେଉଁ ଯୁଦ୍ଧ ଚାଲିଥିଲା ବୋଲି ଏହି ଅବସରରେ କଂଗ୍ରେସ ତରଫରୁ ପ୍ରଶ୍ନ କରାଯାଇଛି । ତେବେ ଆଜି ଶ୍ରୀ ସୋନିଆଜୀଙ୍କ ଆହ୍ୱାନକ୍ରମେ ଦରବୃଦ୍ଧି ବିରୁଦ୍ଧରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ବିଭିନ୍ନ ପର୍ଯ୍ୟାୟରେ ଆଗକୁ ବଢିବ ବୋଲି କଂଗ୍ରେସ ନେତୃବୃନ୍ଦ ଏହି ଅବସରରେ ପ୍ରକାଶ କରି କେତେକ ରାଜ୍ୟରେ ନିର୍ବାଚନୀ ସଫଳତା ପାଇଁ ଅହଂକାରରେ ଫାଟି ପଡୁଥିବା ମୋଦି ସରକାର ଏଭଳି ଜନମାରଣ ନୀତିରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଥିଲେ । ଏହି ଅବସରରେ ଛକ ଉପରେ ଖାଲି ସିଲିଣ୍ଡର, ଖାଲି ସ୍କୁଟର ଓ ମୋଟର ସାଇକେଲ୍ ରଖି ଦଳୀୟ କର୍ମକର୍ତ୍ତାମାନେ ଫୁଲ ମାଳ ପିନ୍ଧାଇ ଅଭିନବ ଢଙ୍ଗରେ ଘଣ୍ଟନାଦ ସହ ପ୍ରତିବାଦ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିଦ୍ୟାସାଗର ସିଂହ, କାର୍ତ୍ତିକ ବେଉରିଆ, କ୍ରିଷ୍ଣା ରାଓ, ଲକ୍ଷ୍ମୀଧର ମଣ୍ଡଳ, ଲୋକନାଥ ଭୂମିଜ, ରେହେମାନ ଖାନ, ଭାସ୍କର ଖିଲ୍ଲାର, ସେବାଦଳର ସାରଦା ପ୍ରସନ୍ନ ଦାସ, ଜିଲ୍ଲା କଂଗ୍ରେସର ଜିତେନ୍ଦ୍ର ଦାସ, ରତିକା' ମଲ୍ଲିକ, ରୁକସାନା ବେଗମ, ମହମ୍ମଦ ମୁର, ପ୍ରତାପ ସାହୁ, ଚତୁର୍ଭୁଜ ସାମଲ, ସ'ୋଷ ପରିଜା, ରାଜେଶ ପତି, ବାବୁ ଖାନ, ଶ୍ୟାମ ସାଗର, ଧରମା ନାୟକ, ସୁହାସିନି କୁଆଁ, ପ୍ରମିଳା ପଟ୍ଟନାୟକ, ନରେନ୍ଦ୍ର ବର୍ମା, ନରେନ୍ଦ୍ର ସିଂହ, ଶଙ୍କର ଦାସ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରି ସକ୍ରିୟ ସହଯୋଗ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ଯୋରଜବରଦସ୍ତି କରି କିଛି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ରାସ୍ତା କରିବା ପାଇଁ ଗୁଣ୍ଡାଗିରି



ଭୁବନେଶ୍ୱର,(ପିଏନ): ଯାଜପୁର ଜିଲ୍ଲାର ବିଂଝାରପୁର ଥାନା ଅଧିନସ୍ଥ ସାଶନ୍ଦା ଗ୍ରାମରେ କିଛି ଅସାମାଜିକ ବ୍ୟକ୍ତି ଯୋରଜବରଦସ୍ତି କରି ରାସ୍ତା ନିର୍ମାଣ କରିବା ପାଇଁ ସଂଖ୍ୟାଲଘୁ ସମ୍ପ୍ରଦାୟ ବ୍ୟକ୍ତିଙ୍କ ଉପରେ ଗୁଣ୍ଡାଗିରି କରିଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସାଶନ୍ଦା ଗ୍ରାମରେ ବାସକରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ସେଖ୍ ଅଜିଜୁଲ୍ ବାରିଙ୍କ କ୍ଷେତ୍ରରେ । ଘଟଣାଟି ଏପରି, ସେଖ୍ ଅଜିଜୁଲ ବାରି ଜଣେ ସଂଖ୍ୟାଲଘୁ ବ୍ୟକ୍ତି । ସେ ନିଜେ ସେହି ଜମିର ମାଲିକ ଅଟନ୍ତି, ଯେଉଁ ଜମିରେ ଅସାମାଜିକ ବ୍ୟକ୍ତିମାନେ ରାସ୍ତା ତିଆରି କରୁଛନ୍ତି ଯୋରଜବରଦସ୍ତ । ତାଙ୍କ କହିବା କଥା ହେଉଛି ଯେ, ତାଙ୍କର ଗୋଟିଏ ପ୍ଲଟ୍ ତାଉଁତରା ମୌଜାରେ ୨୫ଡିସିମିଲ୍‌ର ୨ଟା ପ୍ଲଟ୍ (ନମ୍ବର ୧୧୪୨ ଏବଂ ୧୧୪୩) ଅଛି । କିନ୍ତୁ ବର୍ତ୍ତମାନ ନକ୍ସାରେ ଦେଖାଉଛି ଯେ, ତାଙ୍କର ସେ ଦୁଇ ପ୍ଲଟ୍ ଘର ପାଖରେ ଗୋଟିଏ ଅନାବାଦି ପ୍ଲଟ୍ ଅଛି, ଉକ୍ତ ପ୍ଲଟ ଉପରେ ସେ ଘର ପାଇଁ ଫାଉଣ୍ଡେସନ୍ କରିବା ବେଳକୁ ଏହି ଅସାମାଜିକ ବ୍ୟକ୍ତିମାନେ ସରପଂଚ ଏବଂ ଆର୍ .ଆଇକୁ ଧରି ଆସି କାମ ବନ୍ଦ କରିଦେଲେ । ପରେ ସେ ଉକ୍ତ ପ୍ଲଟକୁ ମାପିବାରୁ ସେ ପ୍ଲଟ୍‌ଟି ଅନାବାଦି ବୋଲି କିଛି ବାହାରିଲା ନାହିଁ । ସେଖ୍ ଅଜିଜୁଲ୍ ବାରି କହିଲେ ତାଙ୍କର ପଟ୍ଟା ହିସାବରେ ତାଙ୍କ ଜମି ମାପ କରି ଦିଅ ପରେ ରାସ୍ତା ବାହାର କର । କିନ୍ତୁ ସେହି ଅସାମାଜିକ ବ୍ୟକ୍ତିମାନେ ଯୋରଜବରଦସ୍ତ କରି ରାସ୍ତା କରିବାକୁ ଗୁଣ୍ଡାଗିରି କରିବାରୁ ସେ ସ୍ଥାନୀୟ ଲୋକଙ୍କ ସହ ସରଂପଚକୁ ଏହାର ସମାଧାନ ପାଇଁ ସେଠାକୁ ଆଣିଲେ । ସରପଂଚ ଓ ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ମୌଳିକ ଭାବେ କିଛି ରାସ୍ତା ସେମାନଙ୍କୁ ଦିଆହେଲା ।

## ଚତ୍ରପଦା ସତ୍ୟସାଇ ଭଜନ ମଣ୍ଡଳୀର ବାର୍ଷିକୋତ୍ସବ

ଧର୍ମଶାଳା (ପିଏନ୍): ଭଗବାନ ଶ୍ରୀ ସତ୍ୟସାଇ ସେବା ସମିତି ଜାରକା ଅନୁକୁଲ୍ୟରେ ପାଟପୁର ପଂଚାୟତ ସ୍ଥିତ ଚତ୍ରପଦା ସତ୍ୟସାଇ ଭଜନ ମଣ୍ଡଳୀର ତ୍ରୟ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସତ୍ୟସାଇ ସେବା ସଙ୍ଗଠନ ସଭାପତି ଡ. ନିଶିକାନ୍ତ କର ସମ୍ମାନିତ ଅତିଥି, ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନର ଟ୍ରଷ୍ଟ ସଦସ୍ୟ ରଶ୍ମୀରଂଜନ ରାୟ, ଅନ୍ୟତମ ଅତିଥି ଭାବେ ରାଜ୍ୟ ଟ୍ରଷ୍ଟର ସଦସ୍ୟ ତଥା ସତ୍ୟସାଇ ସେବା ସଙ୍ଗଠନର କେନ୍ଦ୍ରାପଡାର ବର୍ଷିଆନ ସଦସ୍ୟ ଇଂ ନରେନ୍ଦ୍ରନାଥ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଗବାନ ଶ୍ରୀ ସତ୍ୟସାଇ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ମାଧ୍ୟମରେ ମାନବରୁ କିପରି ମାଧବ ରୁପରେ ପରିବର୍ତ୍ତନ ହେବା ଏବଂ ନାମ ସ୍ମରଣ ଶ୍ରେଷ୍ଠ ସାଧନା ଉପରେ ଆଲୋକପାତ କରିଥିଲେ ।



# ମୋ ଗାଁ

## ରାଜ୍ୟସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,(ପି.ଏନ): ଆଗାମୀ ଜାନୁୟାରୀ ୨୫ ତାରିଖରେ ରାଜ୍ୟସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ ଉପଲକ୍ଷେ ଏକ ବୈଠକ ଗୁରୁବାର ସନ୍ଧ୍ୟାରେ ଜିଲ୍ଲାପାଳତଥା ଜିଲ୍ଲା ନିର୍ବାଚନ ଅଧିକାରୀ,ଖୋର୍ଦ୍ଧା ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇ ଯାଇଛି । ଗତ ଡିସେମ୍ବର ୨୨ ତାରିଖରେ ମୁଖ୍ୟ ନିର୍ବାଚନ ଅଧିକାରୀ,ଓଡିଶା ଶ୍ରୀ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁସାରେ ଏହି କାର୍ଯ୍ୟକ୍ରମକୁ ସମସ୍ତଙ୍କ ସହଯୋଗରେ ସୁଚାରୁରୂପେ ଆୟୋଜନ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଭୋଟର ତାଲିକାରେ ଯୋଗ୍ୟ ମତଦାତାଙ୍କ ନାମ ଅନ୍ତର୍ଭୁକ୍ତ କରିବା ସହ ବିଶେଷ କରି ୧୭ ବର୍ଷରୁ ଉର୍ଦ୍ଧ୍ୱ ଯୁବ ଭୋଟରମାନଙ୍କୁ ତାଲିକାରେ ନାମ ପଞ୍ଜୀକରଣ ପାଇଁ ଗୁରୁତ୍ୱ ଦିଆଯାଉଥିବା ସ୍ଥଳେଏ ସମ୍ପର୍କରେ ସଚେତନ କରାଯିବା ସହ ଜାତୀୟ ମତଦାତା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାପକ ଜନସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ନିମନ୍ତେ ବୈଠକରେ ଆଲୋଚନା କରଯାଇଥିଲା । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଜାନୁୟାରୀ ୨୫ ତାରିଖ ଜାତୀୟ ଭୋଟର ଦିବସ ଦିନ ସକାଳେ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ମାଷ୍ଟର କ୍ୟାଂଟିନ ଛକରୁ ବାହାରି ରାମ ମନ୍ଦିର , ପ୍ରଦର୍ଶନୀ ପଡିଆ ପାଖ ରାସ୍ତା ଏବଂ ହାଉସିଂ ବୋର୍ଡ ଛକ ଦେଇ ରବୀନ୍ଦ୍ର ମଣ୍ଡପ ଠାରେ ପହଂଚିବ । ଏଥିରେ ୧୭ ବର୍ଷରୁ ଉର୍ଦ୍ଧ୍ୱ ପ୍ରାୟ ୧୦୦୦ ଜଣ ଏନସିସି ,ସ୍କାଉଟ, ଗାଇଡ,ଏନ୍.ଏସ୍.ଏସ୍ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିବେ । ପ୍ଲାକାର୍ଡ ଓ ବ୍ୟାନର ସହ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ ଦଳ ଯୋଗଦେବା ପାଇଁ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଆୟୋଜନ କରାଯିବା ନେଇ ଜିଲ୍ଲା ସଂସ୍କୃତି ଅଧିକାରୀ ବ୍ୟବସ୍ଥା ଗ୍ରହଣ କରିବେ । ଶୋଭାଯାତ୍ରା ପରେ ପରେ ରବୀନ୍ଦ୍ର ମଣ୍ଡପ ଠାରେ ରାଜ୍ୟସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ ସମାରୋହ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟପାଳଙ୍କର ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ , ପୋଷ୍ଟର ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହେବ । ରାଜ୍ୟସ୍ତରୀୟ ଉତ୍ସବ ପାଳନ କରାଯାଉଥିବାରୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସଚେତନତା ନେଇ ଯେପରି ଜିଲ୍ଲା ସ୍ତରରେ ମଧ୍ୟ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିବେ, ସେଥି ନିମନ୍ତେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ଏବଂ ଓଆ ବ୍ୟବସ୍ଥାରେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା କରିବାକୁ ପରାମର୍ଶ ଦେଇଥିଲେ । ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର, ଶ୍ରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଉପଜିଲ୍ଲାପାଳ , ଭୁବନେଶ୍ୱର ଶ୍ରୀ ଦେବବ୍ରତ ସାହୁ ଆଲୋଚନାରେ ଅଂଶ ଗ୍ରହଣକରି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ନିଆଯାଇଥିବା ପ୍ରାରମ୍ଭିକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବିଡିଓ ଶ୍ରୀ ସମ୍ପଦ କୁମାର ଦଳାଇ , ଜିଲ୍ଲା ସଂସ୍କୃତି ଅଧିକାରୀ. ଖୋର୍ଦ୍ଧା ଶ୍ରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପଠାଣି ରାଉତ , ଭୁବନେଶ୍ୱର ମହାନଗର ନିଗମ ଡେପୁଟୀ କମିଶନର, କାର୍ଯ୍ୟକ୍ରମ ସଂଯୋଜକ, ଉତ୍କଳ ବିଶ୍ୱବିଦ୍ୟାଳୟ , ଭାରତ ସ୍କାଉଟ ଓ ଗାଇଡ, ରାଜ୍ୟ ସଂଯୋଜକ, ଇଲେକସନ ୱାଚ, କାପିଟାଲ ହସ୍ପିଟାଲ, ଭୁବନେଶ୍ୱର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ କଲା ମାଲକାନଗିରି ଜିଲ୍ଲା ପ୍ରଶାସନ

ମାଲକାନଗିରି, (ପି.ଏନ): ହକିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ହକି ବିଶ୍ୱକପ୍ ଟ୍ରଫି ବିଭିନ୍ନ ରାଜ୍ୟ ଓ ଆମ ରାଜ୍ୟର ସମସ୍ତ ଜିଲ୍ଲା ପରିକ୍ରମା କରୁଛି । ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ଭାବେ ସ୍ୱାଗତ ଓ ସମ୍ବର୍ଦ୍ଧନା । ଦେଶପ୍ରେମରେ ଉଦବୁଦ୍ଧ ହୋଇ ଟ୍ରଫିକୁ ମାଲକାନଗିରିବାସୀ ଉଲ୍ଲାସର ସହ ଦେଖି ଚକ ଦେ ଓଡିଶା ଧ୍ୱନି ଦେଇ ସ୍ୱାଗତ କରିଥିଲେ । କୋରାପୁଟରୁ ଆସିଥିବା ଟ୍ରଫିକୁ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ଗୋବିନ୍ଦପାଲିଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ମାଥିଲି ଠାରେ ଅନୁରୂପ ଭାବେ ଟ୍ରଫିକୁ ସ୍ୱାଗତ କରାଯାଇଥିଲା । ମାଲକାନଗିରି ସଦର ମହକୁମାଠାରେ ଉପଜିଲ୍ଲାପାଳ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ଉପସ୍ଥିତ ରହି ଭୈରବ ମନ୍ଦିର ଠାରେ ଟ୍ରଫିକୁ ସ୍ୱାଗତ କରିଥିଲେ । ଯେଉଁଠୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଟ୍ରଫି ଡିଏନକେ ଖେଳ ପଡିଆ ପହଂଚିଥିଲା । ଡିଏନକେ ଖେଳପଡ଼ିଆ ଠାରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂ ହକି ବିଶ୍ୱକପ୍ ଟ୍ରଫି ଏବଂ ମାସ୍କଟ ଓଲିକୁ ସ୍ୱାଗତ କରିଥିଲେ । ସ୍ୱାଗତ ସମାରୋହରେ ଜିଲ୍ଲା ପରିଷଦ, ଅଧ୍ୟକ୍ଷ, ଶ୍ରୀମତୀ ସମାରୀ ଟାଙ୍ଗୁଲୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଲକାନଗିରି, ଅଧ୍ୟକ୍ଷ, ଶ୍ରୀ ଆତମା ରାବା, ଚିତ୍ରକୋଣ୍ଡା ବିଧାୟକ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ , ଶ୍ରୀ ନୀତେଶ ୱାଧ୍ୱାନି, ଡିଏଫଓ, ଶ୍ରୀ ପ୍ରତାପ କୋଟପଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ । ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ବାକା ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ବିଶ୍ୱକପ୍ ହକି ଭଳି ବିଶ୍ୱସ୍ତରୀୟ ସମ୍ମାନଜନକ ଟୁର୍ଣ୍ଣାମେଂଟକୁ ଓଡ଼ିଶା ଦୁଇ ଦୁଇ ଥର ଆୟୋଜନ କରିବା ଅତ୍ୟନ୍ତ ଗୌରବ କଥା । ପରେ ପଦ୍ମଗିରି ଏସଏସଡି ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ କୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଖେଳ ପଡିଆ ଠାରୁ ଟ୍ରଫି ଏକ ଭବ୍ୟ ଶୋଭାଯାତ୍ରାରେ ଷ୍ଟାଡିୟମ ଠାରେ ପହଂଚିଥିଲା । ଏଠାରେ ଜାତୀୟ ସ୍ତରରେ ସଫଳତା ଅର୍ଜନ କରିଥିବା କ୍ରୀଡାବିତ୍ ଓ ଫୁଟବଲ ଏବଂ ହକିରେ ବିଜୟ ହାସଲ କରିଥିବା ଦଳକୁ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ମହେଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ, ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ରତ୍ନାକର ସାହୁ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଶ୍ରୀ ତ୍ରିନାଥ ମାଝୀ ସମ୍ମାନିତ କରିଥିଲେ । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗରୁ ଆସିଥିବା ଡ଼ଃ ବାଦଲ ମହାନ୍ତୀ, ଶ୍ରୀ ଜଗେନ୍ଦ୍ର ମାଝୀଙ୍କ ସମେତ ଟ୍ରଫି ସହ ଆସିଥିବା ସମସ୍ତ ସହଯୋଗୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାର ବଣ୍ଡା, କୋୟା ଓ ଦୁରୁଆ ସମ୍ପ୍ରଦାୟ ସେମାନଙ୍କର ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ । ଏନସିସି, ମିଶନ ଶକ୍ତିର ସଦସ୍ୟା, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ା ଛାତ୍ରାବାସର ପ୍ରଶିକ୍ଷାର୍ଥୀ ଏବଂ ବୁଦ୍ଧିଜୀବି ମଧ୍ୟ ଏହି ସମାରୋହରେ ସାମିଲ ହୋଇଥିଲେ । ଶେଷରେ ଷ୍ଟାଡିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ ଖେମୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଉପଜିଲ୍ଲାପାଳ, ପିଏ ଆଇଟିଡିଏ ଏବଂ କ୍ରୀଡ଼ା ଅଧିକାରୀ ଶ୍ରୀ ଧ୍ରୁବଚରଣ ମୁଦୁଲି ମାଲକାନଗିରି- କୋରାପୁଟ ସୀମାଠାରେ ଟ୍ରଫିକୁ ଜିଲ୍ଲା ପ୍ରଶାସନ ତରଫରୁ ବିଦାୟ ଜଣାଇଥିଲେ ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଂଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

## ପର୍ଏଁରୀ ତିହାର ଅବସର ରେ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ

ସୁବର୍ଣ୍ଣପୁର ,(ପି.ଏନ): ସ୍ଥାନୀୟ ମା ସୁରେଶ୍ୱରୀ ମନ୍ଦିର ପରିସର ରେ ସ୍ୱଚ୍ଛ ଭାରତ ସଂଗଠନ ପକ୍ଷରୁ ସାଂସ୍କୃତିକ ଅନୁଷ୍ଠାନ ପର୍ଏଁରୀ ଉତ୍ସବ ପାଳନ ଅବସର ରେ ଏକ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ଶ୍ରୀ ଲକ୍ଷ୍ମୀ ନାରାୟଣ ମେହେର ଙ୍କ ପରାମର୍ଶ କ୍ରମେ ସଂଘ ଉପଦେଷ୍ଟା ଗରିବ ଲୋଇ ତତ୍ୱାବଧାନ ରେ ମନୋରଞ୍ଜନ ତ୍ରିପାଠୀ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସଂଘ ର ଉଦ୍ୟୋକ୍ତା ସୟଦ ଅଲିମୁଲ ଇସଲାମ, ପ୍ରହଲ୍ଲାଦ ମିଶ୍ର, ଲଡୁ କିଶୋର ମଲ୍ଲିକ,ପ୍ରଫୁଲ୍ଲ ନାଏକ, କ୍ରୀଷ୍ଣା ମେହେର,, ଜୟ ନାରାୟଣ ସାହୁ, ରାମ ଚନ୍ଦ୍ର ଅଗ୍ରୱାଲା, ପ୍ରତାପ ଦାଶ, ଗଣେଶ ମିଶ୍ର, ପ୍ରମୋଦ ମହାଣକ୍ଷ, ଗୋପାଳ ମେହେର, ପ୍ରମୋଦ କୁମାର ସାହୁ, ଡା, ସରୋଜ ପଟେଲ, ,ନାରାୟଣ ରଥ, ତରଣୀ ମେହେର, ଅମର ଭୁତ ପ୍ରମୁଖ ସ୍ୱଚ୍ଛ ଭାରତ ର ଅନେକ ସଭ୍ୟ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ମନ୍ଦିର ପରିସର ରେ ଅଳିଆ ଆବର୍ଜନା ଓ ପଲିଥିନ ସଫେଇ କରି ଜନ ସାଧାରଣ ଙ୍କୁ ସଚେତନ କରାଇଥିଲେ ।

## ବିଶ୍ୱଜିତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ, ବକ୍ସିବାରିଗାଁ ଚାମ୍ପିଅନ

ହରିଚନ୍ଦନପୁର, (ପି.ଏନ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବାଳକ ଉଚ୍ଚ ବିଦ୍ୟାଳୟ ମିନିଷ୍ଟାଡିୟମରେ ବଜରଙ୍ଗୀ ସେବା କ୍ଲବ ଆୟୋଜନରେ ପଂଚାୟତସ୍ତରୀୟ ପ୍ରଥମ ବାର୍ଷିକ ବିଶ୍ୱଜିତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ୨୫ ଟି ପଂଚାୟତର ୩୨ଟି ଦଳୀୟ ବିଶିଷ୍ଟ କ୍ରିକେଟ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ୍ ବକ୍ସିବାରିଗାଁ ଓ ପିଠାଗୋଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବକ୍ସିବାରିଗାଁ ଟିମ୍ ଟସ୍ ଜିତି ବୋଲିଙ୍ଗ କରିବାକୁ ନିଷ୍ପତି ନେଇ ଥିବାବେଳେ ପିଠାଗୋଳା କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ୍ ହରାଇ ୬୩ ରନ୍ ସଂଗ୍ରହ କରିଥିଲେ । ଜବାବରେ ବିପକ୍ଷ ଦଳ ବକ୍ସିବାରିଗାଁ ଟିମ୍ ବିଜୟ ଲକ୍ଷକୁ ପିଛା କରି ୧୨ ଓଭର ୧ ବଲରେ ୬ ୱିକେଟରେ ୬୯ ରନ୍ ସଂଗ୍ରହ କରି ଚଳିତ ବର୍ଷ ଚାମ୍ପିଅନ ହୋଇଛି । ବକ୍ସିବାରିଗାଁ ଟିମର ମାନସ ମେନ ଅଫ ଦି ସିରିଜ ଓ ମେନ ଅଫ ଦି ମ୍ୟାଚ ହୋଇଥିଲେ । ମୁଖ୍ୟ ଅତିଥି ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ପ୍ରିୟା ଚୌଧୁରୀ, ସମାଜ ସେବୀ ରତିକାନ୍ତ ବରାଳ, ହାସ୍ୟ ଅଭିନେତା ଯଦୁମଣି ମହାନ୍ତ, ସେରେଣ୍ଡା ସରପଂଚ ସସ୍ମିତା ସିଦ୍ଧୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଚାମ୍ପିଅନ ଦଳକୁ ୨୦,୦୦୦ ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅଫ୍ ଦଳକୁ ୧୫,୦୦୦ ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା ।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଉଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଝକ୍ତଙ୍କକ୍ଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଝକ୍ଷ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଝକ୍ଷ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଝକ୍ଷ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ୯ ନୂଆ ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର, (ପି.ଏନ): ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ୯ଜଣଙ୍କୁ ନୂଆ ସଦସ୍ୟ ଭାବେ ନିଯୁକ୍ତି ମିଳିଛି । ସୁନ୍ଦରଗଡ଼ ପାଇଁ ବୈକୁଣ୍ଠନାଥ ନାୟକ ନିଯୁକ୍ତ ହୋଇଥିବାବେଳେ ଅବିନାଶ ଠାକୁର କଳାହାଣ୍ଡି, ହଂସରାଜ ଜୈନ ବଲାଙ୍ଗୀର, ସୁବୋଧ ପ୍ରଧାନ ବୌଦ୍ଧ, ଗତିକୃଷ୍ଣ ମିଶ୍ର ବରଗଡ଼, ଭୁପିନ୍ଦର ପ୍ରସାଦ ନାୟକ ଦେବଗଡ଼, ମନ୍ଦାକିନୀ ବେଗଲ ନୂଆପଡ଼ା, ମିତ୍ରଭାନୁ ସାହୁ ଝାରସୁଗୁଡ଼ା, ଯାଜ୍ଞସେନୀ ନାଗ ସମ୍ବଲପୁର ପାଇଁ ନୂଆ ସଦସ୍ୟ ଭାବେ ନିଯୁକ୍ତ ହୋଇଥିବା ନେଇ ସୂଚନା ମିଳିଛି । ସେହିପରି ମୟୁରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ୧୧ ଜଣ ସଦସ୍ୟ ନିଯୁକ୍ତି ହୋଇଛନ୍ତି । ସ୍ୱତନ୍ତ୍ର ସଦସ୍ୟ ଭାବେ ୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ।




# ଅଧାପନ୍ତରିଆ ସ୍ୱିରେଜ୍ ପ୍ଲାଣ୍ଟ ପ୍ରକଳ୍ପ ହସ୍ତାନ୍ତରକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ଗତ ୫ ବର୍ଷରୁ ଅଧିକ ସମୟ ଧରି ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଚାଲିଥିବା ସ୍ୱିରେଜ୍ ପ୍ଲାଣ୍ଟ ପ୍ରକଳ୍ପ ନିର୍ମାଣ ଚାଲିଛି ଯେ ସରିବାର ନାଁ ଧରୁନାହିଁ । ଯଦିଓ ପ୍ରାୟ ଗତ ବର୍ଷକ ତଳେ ଏହି ଅଧୁରା ପ୍ରକଳ୍ପକୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା ତଥାପି ଅଦ୍ୟାବଧି ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନାହିଁ । ଅପରପକ୍ଷରେ ଏହି ପ୍ରକଳ୍ପର ଠିକା ନେଇଥିବା ଏଲ୍ଆଣ୍ଡଟି କମ୍ପାନୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା କହି ସ୍ୱିରେଜ୍ ବୋର୍ଡ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ପାଇଁ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରିଥିବା ବେଳେ ସ୍ୱିରେଜ୍ ବୋର୍ଡ କର୍ତ୍ତୃପକ୍ଷ ମଧ୍ୟ ଉକ୍ତ ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଏଲ୍ଆଣ୍ଡଟି କମ୍ପାନୀର ଅପରେସନ ଓ ମେଣ୍ଟେନାନ୍ସ ୱିଙ୍ଗକୁ ହସ୍ତାନ୍ତର ପାଇଁ ଆବଶ୍ୟକ ପ୍ରସ୍ତୁତି ଚଳାଇଛି ବୋଲି ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାନସଭା ପ୍ରାର୍ଥୀ ବିରେନ ସେନାପତି ଅଭିଯୋଗ କରିଛନ୍ତି । ଶ୍ରୀ ସେନାପତି କହିଛନ୍ତି ଯେ, ପ୍ରାୟ ସାଢେ ୩୦୦ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ଗତ ୨୦୧୭ ମସିହାରେ ଆରମ୍ଭ କରାଯାଇଥିବା ଏହି ସ୍ୱିରେଜ୍ ପ୍ରକଳ୍ପର ଅଦ୍ୟାବଧି ୩ଟି ପମ୍ପିଂ ହାଉସ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଯେଉଁ ଗୋଟିଏ ପମ୍ପିଂ ହାଉସର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି, ସେଥିରେ ଲାଗିଥିବା ୮ଟି ମୋଟରର ମଧ୍ୟରୁ ମାତ୍ର ଗୋଟିଏ ମୋଟର ଚାଲୁଛି । ରାଉରକେଲା ମ୍ୟୁନିସିପାଲ କଲେଜ ପାଖ, ଟିସ୍କୋ ଓ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଦୁର୍ଗାପୁର ପାହାଡ ପାଖ ପମ୍ପିଂ ହାଉସ୍ କାର୍ଯ୍ୟକ୍ଷମ ହେଲେ ଏହି ୩ଟି ପମ୍ପିଂ ହାଉସର ମଇଳା ଜଳ ପାନପୋଷ ସରକାରୀ ମହାବିଦ୍ୟାଳୟ ନିକଟରେ ଥିବା ମୁଖ୍ୟ ପମ୍ପିଂ ହାଉସରେ ପହଞ୍ଚିବ । ତେବେ ଏହି ୩ଟି ପମ୍ପିଂ ହାଉସର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଣି କମିଶନିଂ ହୋଇନଥିବା ବେଳେ କିପରି ସେଗୁଡିକୁ ହସ୍ତା'ର କରିବା ପାଇଁ ଆବଶ୍ୟକୀୟ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶ୍ରୀ ସେନାପତି ସ୍ୱରେଜ୍ ବୋର୍ଡର କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛନ୍ତି । ଗତକାଲି ଶ୍ରୀ ସେନାପତିଙ୍କ ସହିତ କଂଗ୍ରେସର ଏକ ଟିମ୍ ସ୍ୱରେଜ୍ ବୋର୍ଡର ସ୍ଥାନୀୟ ପ୍ରକଳ୍ପ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ହସ୍ତା'ର ପ୍ରକ୍ରିୟାକୁ ବିରୋଧ କରିବା ସହିତ ବିଭିନ୍ନ ଅଞ୍ଚଳରେ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନଥିବା ପାଇପ୍ ବିଛା କାର୍ଯ୍ୟ ଓ ରାସ୍ତା ନିର୍ମାଣ କାର୍ଯ୍ୟକୁ ତୁର' ସମ୍ପୂର୍ଣ୍ଣ କରିବାକୁ ଦାବି କରିଥିଲେ । ଜେଲ୍ ରୋଡ୍, ବାସ'1 ପାଣି ଟାଙ୍କି ରୋଡ୍, ପାନପୋଷ ବସ୍ତି ରୋଡ୍, ବାଲୁଘାଟ ପଲପଲ ବସ୍ତି ରୋଡ୍ ଇତ୍ୟାଦି ଅନେକ ସ୍ଥାନରେ ଅଦ୍ୟାବଧି ରାସ୍ତା ନିର୍ମାଣ ହୋଇନଥିବା ବେଳେ ଅନକେ ସ୍ଥାନରେ ନିର୍ମିତ ରାସ୍ତା ଦବିଯାଉଥିବାରୁ ସେସବୁର ଆବଶ୍ୟକୀୟ ନିର୍ମାଣ ପାଇଁ ଦାବି କରିଥିଲେ । ବର୍ତ୍ତମାନ ସୁଦ୍ଧା କେବଳ ୭/୮ ଅଞ୍ଚଳର କିଛି ଘରକୁ ସ୍ୱରେଜ୍ ପାଇପ୍ ଲାଇନ ସହିତ ସଂଯୋଗ କରାଯାଇଥିବା ବେଳେ ସହରର ଅନ୍ୟ ଅଞ୍ଚଳରେ କୌଣସି ଗୋଟିଏ ହେଲେ ଘରକୁ ସ୍ୱରେଜ୍ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇ ନାହିଁ । କୋଏଲ ବ୍ୟାଙ୍କ ଭଳି ଅଞ୍ଚଳରେ ଚାମ୍ବର ନିର୍ମାଣ ପାଇଁ ରାସ୍ତା ମଝିରେ ଗାତ ଖୋଳି ଛାଡି ଦିଆଯାଇଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ପର୍ଯ୍ୟ' ମେନ୍ ହୋଲ ଚାମ୍ବର ଗୁଡିକୁ ରାସ୍ତା ସହିତ ସମତଳ କରାଯାଉ ନାହିଁ । ଛେଣ୍ଡର ବ୍ୟାଙ୍କ କଲୋନୀ ଓ ବାଗୁଡି ବସ୍ତିରେ ଅଳ୍ପ କିଛି ପାଇପ୍ ବିଛା କାର୍ଯ୍ୟ ହୋଇଥିବା ବେଳେ ଏ ପର୍ଯ୍ୟ' ତାହାକୁ ଛେଣ୍ଡର ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇ ନାହିଁ । ଅପରପକ୍ଷରେ ଏ ବାବଦରେ ମିଥ୍ୟା ବିଲ୍ କରି ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଥିବାରୁ ଏହାର ତଦ' ପାଇଁ ଶ୍ରୀ ସେନାପତି ଦାବି କରିଛନ୍ତି । ଗତ ପ୍ରାୟ ୨ ବର୍ଷ ହେଲା ଏଲ୍ଆଣ୍ଡଟି କମ୍ପାନୀ କର୍ତ୍ତୃପକ୍ଷ ୭/୮ ଅଞ୍ଚଳରେ ଥିବା ତାଙ୍କ ଭଡାଘର ଅଫିସ୍ ଓ ଗେଷ୍ଟ ହାଉସ୍ ଛାଡିଦେଇ ବାଲୁଘାଟ ଠାରେ ସ୍ୱରେଜ୍ ବୋର୍ଡ ନିର୍ମିତ ପ୍ରକଳ୍ପ କୋଠାଘରେ ଅଫିସ୍ କାର୍ଯ୍ୟ କରିବା ସହିତ ଏହାର ୨ଟି କୋଠାକୁ ଗେଷ୍ଟ ହାଉସ୍ ଭାବେ ବ୍ୟବହାର କରୁଛନ୍ତି । ଆଶ୍ଚର୍ଯ୍ୟଜନକ ଭାବେ ଏଲ୍ଆଣ୍ଡଟି କମ୍ପାନୀର ଏହି ଅଫିସ୍ ଓ ଗେଷ୍ଟ ହାଉସ୍ ପାଇଁ ବ୍ୟବହୃତ ହେଉଥିବା ବିଜୁଳି ଓ ପାଣିର ଶୁଳ୍କ ମାସିକ ଲକ୍ଷାଧିକ ଟଙ୍କା ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ଏଲ୍ଆଣ୍ଡଟି କମ୍ପାନୀର ଘରଭଡା ଓ ପାଣି ଏବଂ ବିଜୁଳି ବାବଦକୁ ଲକ୍ଷ ଲକ୍ଷ ଟଙ୍କା ମୁନାଫା ପାଉଥିବା ବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ କେଉଁ ସ୍ୱାର୍ଥରେ ଏଲ୍ଆଣ୍ଡଟିକୁ ନିଜର କୋଠା ମାଗଣା ଦେବା ସହିତ ପାଣି ଓ ବିଜୁଳି ବିନା ମୂଲ୍ୟରେ ଯୋଗାଇ ଦେଉଛି ତାହା ତଦ' କରିବା ପାଇଁ ଶ୍ରୀ ସେନାପତି ଦାବି କରିଛନ୍ତି । ସ୍ୱରେଜ୍ ବୋର୍ଡ ଅଫିସର ଯାବତୀୟ ଖର୍ଚ୍ଚ କମ୍ପାନୀ କର୍ତ୍ତୃପକ୍ଷ ବୁଝୁଥିବାର ଅଭିଯୋଗ ହେଉଛି, ଯାହାକି ତଦ' ସାପେକ୍ଷ । ସ୍ଥାନୀୟ ସ୍ୱରେଜ୍ ବୋର୍ଡ ପ୍ରକଳ୍ପ କର୍ତ୍ତୃପକ୍ଷ ସମସ୍ତ ନୀତିନିୟମକୁ ଜଳାଳି ଦେଇ ନିଜ ସ୍ୱାର୍ଥରକ୍ଷା ପାଇଁ ଏଲ୍ଆଣ୍ଡଟି କମ୍ପାନୀକୁ ସମସ୍ତ ପ୍ରକାର ଫାଇଦା ଯୋଗାଇ ଦେବା ସହିତ ସରକାରୀ ରାଜସ୍ୱକୁ ବିଶେଷ କ୍ଷତି ପହଞ୍ଚାଉଛନ୍ତି ବୋଲି ଶ୍ରୀ ସୋପତି ଅଭିଯୋଗ କରି ଏ ସମସ୍ତ ଘଟଣାର ଭିଜିଲାନ୍ସ ତଦ' କରିବା ଆବଶ୍ୟକ ବୋଲି କହିଛନ୍ତି । ତେବେ କୌଣସି ପରିସ୍ଥିତିରେ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟ' ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଏଲ୍ଆଣ୍ଡଟି କମ୍ପାନୀକୁ ହସ୍ତା'ର ନ କରିବାକୁ ଶ୍ରୀ ସେନାପତି ବିରୋଧ କରିବା ସହିତ ଏଥିରେ ବ୍ୟତିକ୍ରମ ହେଲେ ବୋର୍ଡ କର୍ତ୍ତୃପକ୍ଷ ପରିଣାମ ପାଇଁ ଦାୟୀ ରହିବେ ବୋଲି ଚେତାଇ ଦେଇଛନ୍ତି । ଶ୍ରୀ ସେନାପତିଙ୍କ ସମେତ କଂଗ୍ରେସର ଏହି ଟିମ୍‌ରେ କଂଗ୍ରେସ ଉପସଭାପତି କୀର୍ତ୍ତନ ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସ କାର୍ଯ୍ୟନିର୍ବାହୀ ସଦସ୍ୟ ମହମ୍ମଦ ମୁର, ବ୍ଲକ୍ କଂଗ୍ରେସ ସାଧାରଣ ସମ୍ପାଦକ ମହମ୍ମଦ ସବୀର, ସେବାଦଳର ସାରଦା ପ୍ରସନ୍ନ ଦାସ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଶ୍ରୀ ସେନାପତି ଜଣାଇଛନ୍ତି ।

# ଗଧ ବେପାର କରି ଉପାଧ୍ୟକ୍ଷ ପଦ ହାତେଇଲେ ବାପି ସାର୍ଖେଲ



ପାରାଦୀପ (ପିଏନ୍)- ଗୁରୁବାର ଦିନ ପାରାଦୀପ ପୌର ପରିଷଦ ଉପାଧ୍ୟକ୍ଷ ନିମନ୍ତେ ମତଦାନ ହୋଇଥିଲା । ଏହି ନିର୍ବାଚନରେ ବାପି ସାର୍ଖେଲଙ୍କ ଆମ ପାରାଦୀପ ଆମ ପ୍ରଗତିରୁ ଉପାଧ୍ୟକ୍ଷ ନିମନ୍ତେ ଛବିଲତା ରାଉତ ଓ ବିଜେଡିରୁ ପୂର୍ବତନ ପୌର ଉପାଧ୍ୟକ୍ଷ ପ୍ରଭାତି ନାୟକ ପ୍ରାର୍ଥୀ ହୋଇଥିଲେ । ହେଲେ ଗଧ ବେପାର କରି ବାପି ସାର୍ଖେଲ ବିଜେଡିରୁ ଜଣେ ପାରିଷଦଙ୍କୁ କିଣି ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇଥିବା ନେଇ ଅଭିଯୋଗ କରିଛନ୍ତି ବିଜେପି ନେତା ସମ୍ପଦ ସ୍ୱାଇଁ । ଗୁରୁବାର ଦିନ ପୌର ଉପାଧ୍ୟକ୍ଷ ନିର୍ବାଚନ ସରିବା ପରେ ସମ୍ପଦ ମଧୁବନସ୍ଥିତ ଆମ୍ବେଦକର ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇଥିଲେ । ପୌର ନିର୍ବାଚନରେ ବାପି ସାର୍ଖେଲଙ୍କ ସମର୍ଥିତ ୮ ଜଣ, ବିଜେଡିରୁ ୭ଜଣ, କଂଗ୍ରେସ୍ ରୁ ଜଣେ ଓ ବିଜେପିରୁ ୩ଜଣ ପାରିଷଦ ନିର୍ବାଚିତ ହୋଇଥିଲେ । ଗୁରୁବାର ଦିନ ପ୍ରାର୍ଥୀପତ୍ର ଦାଖଲ ପରେ ଆରମ୍ଭ ହୋଇଥିଲା ଭୋଟ ଗ୍ରହଣ । ଏହି ସମୟରେ ସମ୍ପଦ ଏକ ବାଉନସର୍ ବଲ୍ ପକାଇଥିଲେ ଭୋଟ ଗ୍ରହଣ ରେ ଆମ ପାରାଦୀପ ଆମ ପ୍ରଗତି ଓ ବିଜେଡି ପାରିଷଦମାନେ ଭୋଟ ଦେବା ପରେ ବିଜେପିର ପାରିଷଦମାନେ ଭୋଟ ନ ଦେଇ ଭୋଟରୁ ବିରତ ରହିଥିଲେ । ୧୬ ଜଣ ଭୋଟ ଦେଇ ସାରିବା ପରେ ଜଣେ ବିଜେଡି ପାରିଷଦ ବାପିଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଦେଇଥିଲେ । ଫଳରେ ବିଜେପି ନେତା ସମ୍ପଦ ପକାଇଥିବା ବଲ୍ ରେ ଧରା ପଡିଯାଇଥିଲେ ସାର୍ଖେଲ । ସେ ଜଣେ ଭଲ ଡିଲ୍ ମାଷ୍ଟର ବୋଲି ଅଭିଯୋଗ କରି ସମ୍ପଦ କହିଥିଲେ ବିଜେଡି ସହିତ ଆମର ଡିଲ୍ କଥା କହିଥିବା ବାପି ସାର୍ଖେଲ ନିଜେ ବିଜେଡିର ବି ଟିମ୍ ଏହାକୁ ବାପି ନିଜେ ପ୍ରମାଣିତ କରି ଦେଇଛନ୍ତି । ଭାରତୀୟ ଜନତା ପାର୍ଟି ପାରାଦୀପବାସୀଙ୍କ ଉନ୍ନତି ନିମ' ମୁଖ୍ୟ ବିରୋଧୀ ଦଳର ଭୂମିକା ପୌରପାଳିକାରେ ନିଭାଇବ । ଆମେ କେବେ କୌଣସି ଡିଲ୍ ରେ ନଥିଲୁ ଆମ ବିରୁଦ୍ଧରେ ଡିଲ୍ କଥା କହି ପାରାଦୀପବାସୀଙ୍କୁ ବିଭ୍ରା' କରୁଥିବା ବାପି ସାର୍ଖେଲ ଜଣେ ମିଛୁଆ ଓ ଡିଲ୍ ମାଷ୍ଟର ବୋଲି ପ୍ରମାଣିତ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁରର ପୂର୍ବତନ ସାଂସଦ ବିଭୂ ପ୍ରସାଦ ତରାଇ, ବିଜେପିର ଦୁଇ ପାରିଷଦ ପ୍ରତାପ କୁମାର ନାୟକ ଓ ସୁବ୍ରତ କୁମାର ପ୍ରଧାନ ଉପସ୍ଥିତ ଥିଲେ ।

## ଧର୍ମପରାୟଣା ମହିଳା ବୀଣାପାଣି ତ୍ରିପାଠୀଙ୍କ ସ୍ମୃତିଚାରଣ

ଖୋର୍ଦ୍ଧା (ପିଏନ୍): ସମାଜସେବୀ ତଥା ଧର୍ମପରାୟଣା ମହିଳା ସ୍ୱର୍ଗତ ବୀଣାପାଣି ତ୍ରିପାଠୀଙ୍କ ଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଂଜଳି ସଭା ସ୍ଥାନୀୟ ପାର୍ବତୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା କୃଷକ ଉତ୍ପାଦକ ସଂଘ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମିହିର କୁମାର ବିଧାର, ବୀଣାପାଣିଙ୍କ ସହପାଠୀ ଧରଣୀ ମହାରଣା, ଚୁନିମଣି ଖଣ୍ଡାୟତରାୟ, ହରିବନ୍ଧୁ ମହାରଣା, ପୁଷ୍ପାଂଜଳି ଛୋଟରାୟ, କୁନିଲତା ବଳିଆରସିଂହ, ପ୍ରଭାସିନୀ ରଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ତ୍ରିପାଠୀଙ୍କ ବହୁମୁଖୀ ପ୍ରତିଭା, ତ୍ୟାଗ, ନିଷ୍ଠା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ ।

## ବ୍ରହ୍ମାକୁମାରୀ ପରିସରରେ ରାଜଯୋଗିନୀ ଦାଦି ଜାନକୀଙ୍କ ୨ୟ ସ୍ମୃତି ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ଜାନକୀ ବିଶ୍ୱ କଲ୍ୟାଣ ପାଇଁ ଈଶ୍ୱରୀୟ ସେବାରେ ନିଜ ଜୀବନକୁ ସମର୍ପିତ କରି ୧୦୪ ବର୍ଷ ବୟସରେ ଦେହତ୍ୟାଗ କରିଥିଲେ । ତାଙ୍କ ୨ୟ ଶ୍ରାଦ୍ଧ ଦିବସ ଉପଲକ୍ଷେ କେନ୍ଦ୍ରପଡା ସହରର ସୁନାଇଲୋସ୍ଥିତ ଜ୍ଞାନଜ୍ୟୋତି ଭବନରେ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସ୍ନେହ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି । ସେବାକେନ୍ଦ୍ରର ସମର୍ପିତ ଭଉଣୀ ବ୍ରହ୍ମାକୁମାରୀ ସୁଚିତ୍ରା, ସୁମିତ୍ରା, ଅନ୍ୟ ବରିଷ୍ଠ ଗୋପେଶ୍ୱର ଭାଇ, ସଂଗ୍ରାମ ଭାଇ, ଦୈତାରୀ ଭାଇ, ବାବୁ ଭାଇ, ରବି ଭାଇ, ବିଶ୍ୱରଞ୍ଜନ ଭାଇ, ଅଭୟ ଭାଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଅଧ୍ୟାପକଙ୍କ ମାତୃବିୟୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବଡହାଟସ୍ଥିତ ବିଶିଷ୍ଟ ଲେଖକ ସ୍ୱର୍ଗତଃ ଅଦ୍ୱୈତ ପ୍ରସାଦ ମହାନ୍ତିଙ୍କ ଧର୍ମପତ୍ନୀ ତଥା କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟାପକ ଦିଲ୍ଲିପ ମହାନ୍ତିଙ୍କ ମା' ହରପ୍ରିୟା ମହାନ୍ତିଙ୍କର ୭୨ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଦିଲ୍ଲିପ ମୁଖାଗ୍ନୀ ଦେଇଥିଲେ ।

# ଆଂଚଳିକ ବରିଷ୍ଠ ନାଗରିକ ମଂଚର ନୂତନ ଗୃହ ପୂଜନ ଉତ୍ସବ ପାଳିତ





ଚଣ୍ଡିଖୋଲ (ପି.ଏନ୍)-ଆଂଚଳିକ ବରିଷ୍ଠ ନାଗରୀକ ମଂଚ ଚଣ୍ଡିଖୋଲର ଏକ ନୂତନ କାର୍ଯ୍ୟାଳୟ ଗୃହର ପୂଜନ ଉତ୍ସବ ପାଳିତ ହୋଇଯାଇଛି । ପୂଜନ ଉତ୍ସବରେ କର୍ତ୍ତା ଭାବେ ସନ୍ତୋଷ କୁମାର ବିଶ୍ୱାଳ ଦାୟିତ୍ୱ ବହନ କରିଥିଲେ । ପୂଜକ ଭାବେ ପଣ୍ଡିତ୍ ବିଜୟ କୁମାର କର ଯୋଗଦେଇ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ ଓ ବରିଷ୍ଠ ନାଗରିକମାନଙ୍କୁ ଆଶିର୍ବାଦ କରିଥିଲେ । ପୂଜନ କାର୍ଯ୍ୟ ପରେ ଆଂଚଳିକ ବରିଷ୍ଠ ନାଗରୀକ ମଂଚର ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂପାଦକ ହେମନ୍ତ କୁମାର ସାମଲ ପୂର୍ବ ବୈଠକର ବିବରଣୀ ପଠନ ପରେ ନୂତନ ଗୃହରେ ସମୁଦାୟ ଖର୍ଚ୍ଚର ହିସାବ ପ୍ରକାଶ କରିଥିଲେ । କୋଷାଧ୍ୟକ୍ଷ ଚିତରଂଜନ ମହାପାତ୍ର ବରିଷ୍ଠ ନାଗରିକମାନଙ୍କୁ କିପରି ସହାୟତା କରାଯାଇପାରିବ ଓ ତାଙ୍କ ପାଇଁ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ କାର୍ଡ଼ ବଂଟନ ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଷିରୋଦ ମାହାଲା, ଦୁଃଖିଶ୍ୟାମ ସାହୁ, କୃଷ୍ଣଚନ୍ଦ୍ର ଜେନା, ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷ ନାରାୟଣ ସାହୁ, ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଦାଶ, ଶରତ ଚନ୍ଦ୍ର ଜେନା, ଲକ୍ଷ୍ମୀଧର ସାହାଣୀ, ଈଶ୍ୱର ଚନ୍ଦ୍ର ସାମଲ, ସଙ୍କର୍ଷଣ ସାହୁ, ଶାରଦା ପ୍ରସାଦ ମହାନ୍ତି, ହର୍ଷବର୍ଦ୍ଧନ ଜେନା, ବସନ୍ତ ନାୟକ, ଧୃବାନନ୍ଦ ବଳ, ବସନ୍ତ କୁମାର ବିଶ୍ୱାଳ, ଉଦୟ ନାଥ ନାୟକ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ସେକ୍ କରାମତ ଉଲ୍ଲା, ଶିବରାମ ସାହୁ, ଦୀନବନ୍ଧୁ ବେହେରା, ଉତମ ରଣା, ବୈକୁଣ୍ଠ ସାମନ୍ତରାୟ, ରାହାସ ବିହାରୀ ଜେନା, ବିଜୟ କୁମାର ଜେନା, ଧୃବାନନ୍ଦ ରାଉତ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ଯେଉଁ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଯେଭଳି ଭାବେ ଅନୁଦାନ ପ୍ରଦାନ କରିଛନ୍ତି ସେମାନଙ୍କୁ ବରିଷ୍ଠ ନାଗରୀକ ମଂଚ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଆବଶ୍ୟକୀୟ ଅନୁଯାୟୀ ସେଠାରେ ଆସନ୍ତା ବର୍ଷା ଋତୁରେ କିଭଳି ଭାବେ ବୃକ୍ଷ ରୋପଣ କରାଯାଇ ସୌନ୍ଦର୍ଯ୍ୟ କରଣ କରାଯିବ ଓ ପାଚେରୀ ନିର୍ମାଣ କରାଯାଇ ପାରିବ ସେ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଦୁଇ ବର୍ଷ ଧରି କରୋନାରେ ଯେଉଁ ବରିଷ୍ଠ ନାଗରୀକମାନେ ମୃତ୍ୟୁ ବରଣ କରିଛନ୍ତି ସେନେଇ ବରିଷ୍ଠ ନାଗରୀକମାନେ ୨ ମିନିଟ୍ ନୀରବ ପ୍ରାର୍ଥନା କରି ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପ୍ରଭୂ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ବିଶ୍ୱାମିତ୍ର ସେବାଟ୍ରଷ୍ଟର ଭାଷା ସୁରକ୍ଷା ଅଭିଯାନ

ଖୋର୍ଦ୍ଧା (ପିଏନ୍)- ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ପ୍ରାଣନାଥ ମହାବିଦ୍ୟାଳୟ ମାର୍ଗ ସଂଲଗ୍ନ ବିଶ୍ୱାମିତ୍ର ସେବାଟ୍ରଷ୍ଟ ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ ଭାଷା ସୁରକ୍ଷା ନେଇ ଓଡ଼ିଆମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଏକ ଆଲୋଚନାଚକ୍ର ହେବା ସହିତ ବିଶିଷ୍ଟ ସାହିତ୍ୟିକ, ଭାଷାବିତ୍ ଓ ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଆମରି ସତ୍ୟର ପ୍ରତିଷ୍ଠାତା ବେଗୁନିଆ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼.ପ୍ରମୋଦ ଚନ୍ଦ୍ର ଦାଶ ଯୋଗଦେଇ ଉତ୍କଳ ସମ୍ମିଳନୀ ଗଠନଠାରୁ ୧୯୩୬ ଏପ୍ରିଲ ପହିଲା ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋକପାତ କରି ମଧୁବାବୁ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ବିଶ୍ୱାମିତ୍ର ସେବାଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଭାଷା ସୁରକ୍ଷା ପାଇଁ ପ୍ରତ୍ୟେକ ଓଡ଼ିଆ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ସାହିତ୍ୟିକ ରାଜକିଶୋର ପାଣିଗ୍ରାହୀ, ଉତ୍କଳ ସମ୍ମିଳନୀ ଜିଲ୍ଲା ସଭାପତି ବିଚିତ୍ର କୁମାର ବଡ଼ଜେନା, ଖୋର୍ଦ୍ଧା ସାହିତ୍ୟ ସଂସଦ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ରାଜଧାନୀ ଆଇନ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼. ବୃନ୍ଦାବନ ପଣ୍ଡା, ମିଳିତ ନିଶା ନିବାରଣ ସମିତିର ରାଜ୍ୟ ସଂପାଦକ ଅର୍ଜୁନ ଚରଣ ସାମନ୍ତରାୟ ପ୍ରମୁଖ ବିବାହ ବ୍ରତ, ନିମନ୍ତ୍ରଣ ପତ୍ର ଓଡ଼ିଆରେ ଲେଖିବା, ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ଉପରେ ଆଲୋକପାତ କରିଥିଲେ । ପୂର୍ବତନ ବାର କାଉନସିଲ ସଭାପତି ଶିଶିର କୁମାର ପରିଡ଼ା ଓ କଳିଙ୍ଗ ପାଇକ ସଂଗଠନର ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ 'ମୋ ବସ' ଇଂରାଜୀରେ ଲେଖାହୋଇଥିବାରୁ ଏପରିକି ବିଜେବି ହାଇସ୍କୁଲ ନିକଟ ପାର୍କଠାରେ ଆଇ ଲଭ ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ଟାଉନ ହଲ ଇଂରାଜୀରେ ଲେଖାହୋଇଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ପ୍ରାବନ୍ଧିକ ବୈକୁଣ୍ଠ ନାଥ ରାଜଗୁରୁ କବି ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରାଧ୍ୟାପକ ସନ୍ତୋଷ କୁମାର ନାୟକ, ବୈକୁଣ୍ଠନାଥ ମହାପାତ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ସମ୍ପାଦକ ସୁଧୀର କୁମାର ମାନସିଂହ, ସୌଭାଗ୍ୟ କୁମାର କର, କୈଳାସ ଚନ୍ଦ୍ର ପୃଷ୍ଟି, ଆଡ଼ଭୋକେଟ୍ ବସନ୍ତ କୁମାର ଦାଶ, ସୁହାସିନୀ ମିଶ୍ର, ସମରଜିତ ପଟ୍ଟନାୟକ, ରମେଶ ଚନ୍ଦ୍ର ପ୍ରଧାନ, ବିରଂଚି ନାରାୟଣ ସାହୁ, ସୁରେନ୍ଦ୍ର କୁମାର ବେହେରା, ଟ୍ରଷ୍ଟ ଅଧ୍ୟକ୍ଷ ରାମଶଙ୍କର ଧନ୍ୟବାଦ ଦେଇଥିଲେ ।

## ବରିଷ୍ଠ ବିଜେପି ନେତାଙ୍କ ବିଜେଡିରେ ଯୋଗଦାନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ହୋଟେଲ ଗ୍ରାଣ୍ଡ ମୟୁରରେ ରାଜ୍ୟ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର କାର୍ଯ୍ୟକାରୀଣୀ ସଦସ୍ୟ ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରା ଏବଂ ରାଜ୍ୟ ପ୍ରଗତିରେ ଅନୁପ୍ରାଣିତ ହୋଇ ବରିଷ୍ଠ ବିଜେପି ନେତା ତଥା ଆଇନଜୀବୀ ସୁବାଷ ଚନ୍ଦ୍ର ରାଉତ, ବସନ୍ତ କୁମାର ପରିଡା, ପ୍ରହଲ୍ଲାଦ ମାହାଳି ପ୍ରମୁଖ ବିଜେପି କର୍ମୀମାନେ ଏହି ବୈଠକରେ ବିଜୁ ଜନତା ଦଳରେ ଯୋଗଦେଇଥିଲେ । ବୈଠକରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ବିଜେପି କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ଦଳକୁ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିବାରୁ ସେମାନଙ୍କୁ କୃତଜ୍ଞତା ପ୍ରଦାନ ସହ ଓଡିଶାର ସର୍ବପ୍ରଥମ ତଥା ସର୍ବପୁରାତନ କେନ୍ଦ୍ରାପଡା ପୌରସଂସ୍ଥା ପାଇଁ ଗତ ପୌର ନିର୍ବାଚନରେ ନଗରପାଳ ପ୍ରାର୍ଥୀ ସରିତା ସାହୁଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ଏହି ବୈଠକରେ ପୂର୍ବତନ ପୌରାଧକ୍ଷା ରୋସନା ସାହୁ, ଜିଲ୍ଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ସାହିତ୍ୟିକ ବାସୁଦେବ ଦାସ, କବି ନିରଞ୍ଜନ ମେକାପ, ମହମ୍ମଦ ଜାହିଦ ଖାନ, ଶିକ୍ଷାବିତ ସେକ ରହିସୁଦିନ, ସେକ ଓହିଦ, ସେକ ବୁନା, ଧିରେନ୍ଦ୍ର ଦାସ , ସତ୍ୟବ୍ରତ ସିଂ, ସ୍ୱଂୟପ୍ରଭାକର, ଲୋପାମୁଦ୍ରା ବାରିକ, ଅକ୍ଷୟପ୍ରିୟ ଦାସ, ମଙ୍ଗଳ ବରଣ ସିଂ, ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ), ଉମାକାନ୍ତ ସିଂ, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ନିରଞ୍ଜନ ବଳ, ଅରୁଣ ପ୍ରସାଦ ଦାସ, ଇତିହାସ ଲେଙ୍କା, ବ୍ରଜ ସୁନ୍ଦର ରାଉତ, ମାନସ ରଞ୍ଜନ ଧଳ, ଶେଷଦେବ ଦାସ, ତମସା ପାତ୍ର, ରେଣୁବାଳା ସାମଲ, ତାରେଣୀ ପାଟଜୋଷି, ହାଡିବନ୍ଧୁ ସିଂ, ପ୍ରହଲ୍ଲାଦ ମହାଳି, ଲୋକନାଥ ରାଉତ, ଗୋକୁଳାନନ୍ଦ ଦାସ, ହରି ପ୍ରସାଦ କର, ତ୍ରିଲୋଚନ ସାହୁ, ମନୋଜ ସାହୁ, ମାନସ ମହାନ୍ତି, ସୁବାଷ ମିଶ୍ର, ସୁରେଶ ନାୟକ, ସେକ ଅଫସର ଅଲ୍ଲୀ ବକ୍ସ, ଗୋବର୍ଦ୍ଧନ ରାଉତ, ଦିନେଶରାଜ ସିଂ, ଦୀପକ ପ୍ରଧାନ, ସେକ ୟୁସୁଫ ପ୍ରମୁଖ ଉପସ୍ଥିତ ଥିଲେ । ରମାକାନ୍ତ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରଞ୍ଜନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରଥିଲେ ।

## ରାଜ୍ୟସ୍ତରୀୟ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ କଟକ, ଅଗ୍ନିସ୍ଫୁଲିଙ୍ଗ ରାଉରକେଲା ଓ ଓଡିଶା ପୂଜ୍ୟପୂଜା ପରିଷଦ କଟକର ମିଳିତ ଆନୁକୁଲ୍ୟରେ ଆର୍ଯ୍ୟକବି ପଣ୍ଡିତ ଡଃ. ପ୍ରମୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ୪୫ତମ ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାର ସମାବେଶ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ନିଳଗିରିର ରାଜା ସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଓ ରାଣୀ ସାହେବା ମନୋଜା ମଞ୍ଜରୀ ଦେବୀ ଉଦ୍‌ଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ରଜତ କୁମାର କର, ମୁଖ୍ୟଅତିଥି ଭାବେ ବରିଷ୍ଠ କବି ତଥା ପ୍ରାକ୍ତନ ସାଂସଦ ଡଃ. ପ୍ରଶନ୍ନ କୁମାର ପାଟଶାଣୀ, ମୁଖ୍ୟବକ୍ତା ଭାବେ ଡଃ. ହୁସେନ ରବି ଗାନ୍ଧୀ ଓ ସମ୍ମାନିତ ବକ୍ତା ଭାବେ ଗୋପିନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆମ ଓଡିଶାର ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ବହୁ ମୂଲ୍ୟବାନ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଉତ୍ସବରେ କେନ୍ଦ୍ରାପଡାର ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, କେଶବ ସେଠୀ, ନିକୁଞ୍ଜ ବିହାରୀ ପୃଷ୍ଟି, ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି, କବି ଶ୍ରୀଧର ମହାନ୍ତି, ମନୋଜ ଦାସ, ଚାରୁଲତା ଭୂୟାଁ, ମେଜର ଭରତଚନ୍ଦ୍ର ଜେନା, ଗୀତାଞ୍ଜଳୀ ସାହୁ, ଅନିତା ପୃଷ୍ଟି, ଯାମିନି ଦାସ ପ୍ରମୁଖଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ସମଗ୍ର ଓଡିଶାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା କବି, କବୟତ୍ରୀ, ଲେଖକ, ଲେଖିକା, କଳାକାର, ବୃତ୍ତି ଶିକ୍ଷକ ଓ ପରିବେଶବିତ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି : 'ଚ଼କରା ବିଷୋୟୀଙ୍କ ଦେଶ ମାତୃକା ପାଇଁ ସଂଗ୍ରାମ ଓ ତ୍ୟାଗ ଆଜି ଦିନରେ ବିରଳ': ବାଚ଼ସ୍ପତି ଶ୍ରୀ ଆରୁଖ



ଭୁବନେଶ୍ୱର ,(ପି.ଏନ): ଯେତେବେଳେ ସାରା ଭାରତ ବର୍ଷରେ ବ୍ରିଟିଶ ଅତ୍ୟାଚ଼ାରରେ ଜନସାଧାରଣ ତ୍ରାହି ତ୍ରାହି ଡାକୁଥିଲେ, ସେତେବେଳେ ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତ ବର୍ଷର ଯେଉଁ କେତେଜଣ ସଂଗ୍ରାମୀ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ଘୁମୁସରର ଚ଼କରା ବିଷୋୟୀ ଥିଲେ ଅନ୍ୟତମ । ସେ ପରାକ୍ରମଶାଳୀ ବ୍ରିଟିଶ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମର ନେତୃତ୍ୱ ନେଇ ଦୀର୍ଘ ୧୫ ବର୍ଷ ଧରି ବ୍ରିଟିଶ ଶାସକଙ୍କ ଆଖିରୁ ନିଦ ହଜାଇ ଦେଇଥିଲେ । ମହାତ୍ମା ଗାନ୍ଧୀଙ୍କଭାରତଛାଡ ଡାକରାର ୧୦୦ ବର୍ଷ ପୂର୍ବରୁ ବ୍ରିଟିଶ୍ ବିରୁଦ୍ଧରେ ତାଙ୍କର ସଂଗ୍ରାମ ଦୁଃସାହସିକ ଓ ନିର୍ଭୀକ ଥିଲା । ଚ଼କରା ବିଷୋୟୀଙ୍କ ଦେଶ ମାତୃକା ପାଇଁ ସଂଗ୍ରାମ ଓ ତ୍ୟାଗ ଆଜି ଦିନରେ ବିରଳ ବୋଲି ବାଚ଼ସ୍ପତି ଶ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି ।ରାଜ୍ୟ ସୂଚ଼ନା ଓ ଲୋକସମ୍ପର୍କ ବିଭାଗ ଓ ଭଞ୍ଜନଗରର ତରୁଣ କଳାକାର ସଂସ୍କାର ମିଳିତ ଆନୁକୂଲ୍ୟରେ ଆଜି ସଂଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚ଼କରା ବିଷୋୟୀଙ୍କ ୨୦୦ତମ ଜୟନ୍ତୀ କାର୍ଯ୍ୟକ୍ରମରେମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଚ଼ସ୍ପତି ଶ୍ରୀ ଆରୁଖ ଏହା କହିଛନ୍ତି । ଓଡିଶା ସଂଗୀତ ନାଟକ ଏକାଡେମୀର ଉପସଭାପତି ତଥା ବିଶିଷ୍ଟ ଗବେଷକ ଓ ନାଟ୍ୟକାର ଶ୍ରୀ ମନ୍ମଥ କୁମାର ଶତପଥୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚ଼କରା ବିଷୋୟୀଙ୍କ ସଂଗ୍ରାମୀ ବ୍ୟକ୍ତିତ୍ୱ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । ସୂଚ଼ନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହିତ ସ୍ୱାଗତ ଭାଷଣ କ୍ରମରେ ଚ଼କରା ବିଷୋୟୀଙ୍କ ଜୀବନୀ ବର୍ତ୍ତମାନ ତଥା ଭବିଷ୍ୟତ ପିଢି ନିମନ୍ତେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ପ୍ରକାଶ କରିଥିଲେ । ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ. ବିଚ଼ିତ୍ରାନନ୍ଦ ଦାସ ମୁଖ୍ୟ ବକ୍ତା ଭାବରେ ବକ୍ତବ୍ୟ ରଖି ଚ଼କରା ବିଷୋୟୀଙ୍କ ସଶସ୍ତ୍ର ସଂଗ୍ରାମ ଉପରେ ଆଲୋଚ଼ନା କରିଥିଲେ । ଡଃ. ଦାସ କହିଲେ ଯେ, ଘୁମୁସର ହେଉଛି ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ଆଦିପୀଠ । ଚ଼କରା ବିଷୋୟୀ ଥିଲେ ଘୁମୁସର ମାଟିର ବ୍ରିଟିଶ ବିରୋଧୀ ବଳିଷ୍ଠ ସଂଗଠକ । ନିର୍ଭିକ ବୀରତ୍ୱ, ଅସୀମ ଧୈର୍ଯ୍ୟର ପ୍ରତୀକ ଥିଲେ ଚ଼କରା ବିଷୋୟୀ । ତତ୍କାଳୀନ ଘୁମୁସରର ଐତିହାସିକ ଓ ଭୌଗୋଳିକ ପୃଷ୍ଠଭୂମି ସଂପର୍କରେ ସେ ଆଲୋକପାତ କରିବା ସହ ଚ଼କରାଙ୍କ ପ୍ରଭାବଶାଳୀ ସାମରିକ ସଂଗଠନ ସଂପର୍କରେ ବକ୍ତବ୍ୟ ରଖିଥିଲେ ।କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ମାନେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଚ଼କରା ବିଷୋୟୀଙ୍କ ଫଟୋଚ଼ିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୂଚେତା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେତରୁଣ କଳାକାର ସଂସ୍କାର କାର୍ଯ୍ୟକର୍ତ୍ତା ତଥା ଖ୍ୟାତିସଂପନ୍ନ ଅନୁବାଦକ ଡଃ. ଅଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଢେଙ୍କାନାଳର ଅଲଟରନେଟିଭ୍ ରିଦମ୍ ଥିଏଟରର ଶିଳ୍ପୀମାନଙ୍କ ଦ୍ୱାରା ଚ଼କରାବିଷୋୟୀଙ୍କ ଜୀବନୀ ଆଧାରିତ " ମୁଁ ଚ଼କରା କହୁଛି " ନାଟକ ପରିବେଷଣ କରାଯାଇଥିଲା । ନାଟକର ନିର୍ଦ୍ଦେଶକ ଶ୍ରୀ ଦୀନେଶ ଦାସଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ ।

## ମ୍ୟୁନିସିପାଲଟି ଠିକାଦାର କର୍ମଚାରୀଙ୍କ ଅସାବଧାନତା ପ୍ରାଣଘାତୀ ନହେଉ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ମ୍ୟୁନିସିପାଲଟିର ନିର୍ମାଣ କାର୍ଯ୍ୟ ଚାଲିଛି । ଦୈନିକ ବଜାର ମୁଖ୍ୟ ରାସ୍ତା କଡ଼ରେ ଡ୍ରେନେଜ କାମ ଯୋଗୁଁ ଭିଡ ରହୁଥିବା ଏହି ରାସ୍ତା ଉପରେ ପୁରୁଣା କାମକୁ ଭାଙ୍ଗି ଏହି ମଇଳା ରେଳ ଷ୍ଟେସନ ପାଖରେ ଥିବା ଏଫସିଆଇ ଗୋଦାମ ସମ୍ମୁଖ ଖାଲିଥିବା ସ୍ଥାନରେ ପକା ଯାଉଛି । ଏହି ମଇଳା ମାଟି ଇତ୍ୟାଦି ନେଲା ବେଳେ ତାହା ରାସ୍ତାରେ ପଡୁଛି । ଏହି ମଇଳା ଭିତରେ ପୁରୁଣା ଭାଙ୍ଗି ଦିଆଯାଇଥିବା ଇଟା ପଥର ରାସ୍ତାରେ ପଡ଼ି ପଡି ଯାଉଥିବା ବେଳେ ଆଉ ଉଠା ଯାଇନଥିବା ବେଳେ ରେଲୱେ ଷ୍ଟେସନ୍ କୁ ରେଲ ଧରିବାକୁ ତରତରରେ ଦ୍ରୁତ ବେଗରେ ଦୁଇଚକିଆରେ ଯାଉଥିବା ବାଇକ ଆରୋହି ମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଦେଖାଯାଇଛି । ଏବେ ମରଣ ଯନ୍ତା ପାଲଟି ଯାଇଛି ଟିକରାପଡ଼ା ରେଲ ଷ୍ଟେସନ ରାସ୍ତା, କାହିଁକିନା ସବୁଠାରୁ ଦ୍ରୁତ ଗତିରେ ଦୁଇଚକିଆ ଯାଉଥିବା ଆସୁଥିବା ରାସ୍ତାଟି ହେଲା ରେଳ ଷ୍ଟେସନ ରାସ୍ତା ।

# କେନ୍ଦ୍ରାପଡା ବିଧାୟକଙ୍କ ବିରୋଧ କରି ସହରର ବିଭିନ୍ନ ସ୍ଥାନରେ ବ୍ୟାନର

## "ପରଦେଶୀ ବାପା ପୁଅ ଗ୍ୟାଙ୍ଗ ହଟାଅ କେନ୍ଦ୍ରାପଡା ବଞ୍ଚାଅ"

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢିବାରେ ଲାଗିଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା, ଇନ୍ଦୁପୁର ଓ ନିକିରାଇ ପ୍ରଭୃତି ସ୍ଥାନକୁ ବିଭିନ୍ନ ସଭା, ସମିତିରେ ଯୋଗଦେବାକୁ ଯାଇଥିବା ବେଳେ ତାଙ୍କ ଉପରକୁ ଅଣ୍ଡାମାଡ ହୋଇଥିବା ଘଟଣାର ମାତ୍ର ଦୁଇଦିବ ପୁରଣ ହୋଇନଥିବା ବେଳେ ପୁନର୍ବାର ଇଂରାଜୀ ନବବର୍ଷ ଅବସରରେ ବିଧାୟକ ଶ୍ରୀ ବେହେରାଙ୍କୁ ଟାର୍ଗେଟ କରାଯାଇଥିବା ଦେଖିବାକୁ ମିଳିଛି । ବିଧାୟକ ଶ୍ରୀ ବେହେରାଙ୍କୁ ଖୋଲାଖୋଲି ବିରୋଧ କରାଯାଇ ସର୍ବସାଧାରଣ ସ୍ଥାନରେ ତାଙ୍କ ବିରୋଧରେ ବ୍ୟାନର ସବୁ ଲଗାଯାଇଥିବା ଦେଖିବାକୁ ମିଳିଛି । ସେହି ବ୍ୟାନରରେ ବିଧାୟକଙ୍କ ସମେତ ତାଙ୍କ ପୁତ୍ରକୁ ଅତ୍ୟନ୍ତ କଟୁ ଭାଷାରେ ସମାଲୋଚନା କରାଯାଇ ଲେଖାଯାଇଥିବା ଦେଖାଯାଇଛି । କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କ କାର୍ଯ୍ୟ କରିବାର ଶୈଳୀକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରାଯାଇଛି । କେନ୍ଦ୍ରାପଡା ସହରର କଜଳା, ଶ୍ୟାମସୁନ୍ଦରପୁର ଗଡା, ଦୁହୁରିଆ ଓ ଇଛାପୁର ପ୍ରଭୃତି ସ୍ଥାନରେ ଲଗାଯାଇଥିବା ବ୍ୟାନରରେ - "କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରେ ପିସି ଆଦାୟ ଛଡା ଆଉ କ'ଣ କରିଛ ଶଶି ତୁମେ ଜବାବ ଦିଅ", "ପରଦେଶୀ ବାପପୁଅ ଗ୍ୟାଙ୍ଗ ହଟାଓ, କେନ୍ଦ୍ରାପଡା ବଞ୍ଚଅ" ବୋଲି ଲେଖାଯାଇଛି । ଦିନକୁ ଦିନ ବିଧାୟକ ଶଶି ଭୂଷଣ ବେହେରାଙ୍କ ବିରୋଧରେ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି । କେନ୍ଦ୍ରାପଡା ସହର ସମେତ ଗ୍ରାମାଞ୍ଚଳରେ ମଧ୍ୟ ବିଧାୟକଙ୍କ ବିପକ୍ଷରେ ବିରୋଧାଭାଷ ଲଗାତର ଭାବେ ବଢିବାରେ ଲାଗିଛି । ସାଧାରଣ ନିର୍ବାଚନ ଆଉ ମାତ୍ର ବର୍ଷକରୁ କିଛିମାସ ଅଧିକ ଥିବା ବେଳେ ବିଧାୟକ ଏବଂ ତାଙ୍କ ପୁଅଙ୍କ ବିରୋଧରେ ଦିନକୁ ଦିନ ବଢୁଥିବା ଜନଅସନ୍ତୋଷକୁ ଦଳ ପକ୍ଷରୁ କିଭଳି ଗ୍ରହଣ କରାଯାଉଛି ଏବଂ ଏସମ୍ପର୍କରେ ଦଳ ପକ୍ଷରୁ କ'ଣ ନିଷ୍ପତ୍ତି ନିଆଯାଉଛି ତାକୁ ସମସ୍ତ ଉତ୍କଣ୍ଠାର ସହ ଦେଖିବାକୁ ଅପେକ୍ଷା କରିଛନ୍ତି । ଏସମ୍ପର୍କରେ ବିଧାୟକ ଶ୍ରୀ ବେହେରାଙ୍କୁ ପଚରାଯିବାରେ ସେ ଏବିଷୟରେ କିଛି ଖବର ପାଇନଥିବା କହିଛନ୍ତି । ତାଙ୍କ ବିକାଶ କାର୍ଯ୍ୟକ୍ରମକୁ ସହିନପାରି ଏପରି ବିରୋଧ କରାଯାଉଥିବା ବିଧାୟକ କହିଛନ୍ତି । କେନ୍ଦ୍ରାପଡାର ଜନତା ଜାଣନ୍ତି ସେ ଅଞ୍ଚଳର ବିକାଶ ପାଇଁ କି କି କାମ କରିଛନ୍ତି । ତେବେ ଏଥିରେ ତାଙ୍କୁ କିଛି ଫରକ ପଡିବ ନାହିଁ ବୋଲି କହିଛନ୍ତି କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ।

# ସାଇବର ଠକ ହାବୁଡରେ ଆଇନଜୀବୀ, ରାତାରାତି ଆକାଉଂଟରୁ ଲକ୍ଷେ ବୟାଳିଶ ହଜାର ଲୁଟ୍

ବଲାଙ୍ଗିର, (ପି.ଏନ): ଦିନକୁଦିନ ସାଇବର ଅପରାଧୀ ମାନଙ୍କ ଅପରାଧ ବଢି ଚାଲିଛି । ବିଭିନ୍ନ ଆଳରେ ନିଜକୁ କେତେବେଳେ ବ୍ୟାଙ୍କ ଅଧିକାରୀ ତ ଆଉ କେତେବେଳେ ଆୟକର ବିଭାଗର ଅଧିକାରୀ ପରିଚୟ ଦେଇ ବ୍ୟାଙ୍କରେ ଥିବା ଜମା ପୁଞ୍ଜି ହରିଲୁଟ କରି ନେଉଛନ୍ତି । ଦେଖୁ ଦେଖୁ ଆକାଉଣ୍ଟ ଖାଲି ହୋଇଯାଉଛି । ଏବେ ନିକଟରେ ସାଇବର ଠକ ହାବୁଡରେ ପଡ଼ିଛନ୍ତି ଇଛାପଡାର ଆଇନଜୀବୀ ଦିଲୀପ ସାହୁ । ସାଇବର ଠକ ତାଙ୍କ ବ୍ୟାଙ୍କ ଆକାଉଂଟରୁ ଲୁଟି ନେଇଛି ୧ ଲକ୍ଷ ୪୨ ହଜାର ଟଙ୍କା ।ବୁଧବାର ତାଙ୍କର ଓ୍ୱାର୍ଡ଼ଅଫ ଓ୍ୱାଲେଟରେ ପାଂଚ ହଜାର ଟଙ୍କା ଜମା କରିଥିଲେ । ସେଥିରୁ ଚାରି ହଜାର ଟଙ୍କା ନିଜ ଏକାଉଂଟକୁ ଆଣିବାକୁ ଚାହୁଁଥିଲେ । ବିଫଳ ହେବାରୁ ଅନଲାଇନ ଅଭିଯୋଗ ଦାୟର କରିଥିଲେ । କଷ୍ଟମର କେୟାରକୁ ଯୋଗାଯୋଗ କରିଥିଲେ । ସେପଟୁ ଏକଜିକ୍ୟୁଟିଭ କଲ୍ ଯିବ ବୋଲି କୁହାଗଲା । ତାପରେ ଗୋଟିଏ କଲ୍ ଆସିଥିଲା ଏକ ଲିଙ୍କ୍ ପଠାଇ ଡାଉନଲୋଡ କରିବାକୁ ନିଜକୁ କଷ୍ଟମର କେୟାର ଅଧିକାରୀ ପରିଚୟରେ କହିଥିଲା । ସନ୍ଦେହରେ ତାହା ଡିଲିଟ କରୁ କରୁ ତାହା ଓପନ ହୋଇଯାଇଥିଲା ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ସଙ୍ଗେ ସଙ୍ଗେ ୧୯, ୯୦୨ ଟଙ୍କା କଟିଯାଇଥିଲା । ସଙ୍ଗେ ସଙ୍ଗେ ସେ ଫୋନ ସୁଇଚ ଅଫ କରି ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ । ସକାଳ ଭିତରେ ତାଙ୍କ ଏକାଉଂଟ ଖାଲି ହୋଇ ଚାଲିଥିଲା । ତାଙ୍କର ହୃଦରୋଗ ପାଇଁ ଆକାଉଂଟରେ ଦେଢ଼ ଲକ୍ଷ ଟଙ୍କା ରଖିଥିଲେ । ବଲାଙ୍ଗିର ସାଇବର ଥାନା ଓ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଟଙ୍କା ମିଳିବା ନେଇ କୌଣସି ସୂଚନା ନଥିଲା । ନିଜର ବ୍ୟାଙ୍କ୍ କୁ ଯାଇ ଲିଖିତ ଅଭିଯୋଗ ପରେ ଦୁଇଟି ପର୍ଯ୍ୟାୟରେ ୧୦ ହଜାର ଲେଖାଏଁ ତାଙ୍କର ଆକାଉଣ୍ଟରେ ଫେରସ୍ତ ପାଇଥିଲେ । ଜିଲ୍ଲାରେ ଏବେ ସାଇବର ଅପରାଧି ମାନଙ୍କ ପ୍ରତି ସାବଧାନ ରହିବାକୁ ପୋଲିସ ଘୋଷଣା ସଚେତନତା ଜାରି ରଖିଥିବାବେଳେ ଅପରାଧିଙ୍କ ଠକାମି ଜାରି ରହିଛି ।

## ବଲାଙ୍ଗିର ସହରରେ ଟ୍ରାଫିକ ଇଣ୍ଡିକେଟର ଲାଇଟ୍ ବ୍ୟବସ୍ଥା, ସମୟ ସୂଚିକା ନାହିଁ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ସହର ଟ୍ରାଫିକ ବ୍ୟବସ୍ଥା ଏବେ ନିକଟରେ ସବୁ ବଡ ଛକରେ ଟ୍ରାଫିକ ଇଣ୍ଡିକେଟର ଲାଇଟ୍ ବ୍ୟବସ୍ଥାରେ ନିୟନ୍ତ୍ରଣ ହେଉଛି । ସକାଳ ୮ ଟାରୁ ଆରମ୍ଭ ହୁଏ ଟ୍ରାଫିକ୍ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ମାନଙ୍କ ଡ୍ୟୁଟି । ଆଜି ୩୧ ଡିସେମ୍ବର ସକାଳ ଠିକ୍ ଆଠଟାରୁ ଇଣ୍ଡିକେଟର ଲାଇଟ୍ କାମ ଆରମ୍ଭ ହୋଇଥିଲା । ପୁରୁଣା ପାଟଣା ହୋଟେଲ୍ ଛକ ଠାରେ ପାଂଚଟି ଦିଗରୁ ଯାନବାହାନ ନିୟନ୍ତ୍ରିତ ହୁଏ । ଜିଏ ଯେଉଁସବୁ ପଟରୁ ଆସିଲା ସୁନା ପିଲା ପରି ନିଜର ପାଳି ଅନୁସାରେ ରାସ୍ତା ଅତିକ୍ରମ କଲା ଲାଇଟ୍ କୁ ଦେଖି । ସକାଳ ୮ଟା ୩୦ ପର୍ଯ୍ୟନ୍ତ ଟ୍ରାଫିକ ଦାୟିତ୍ୱରେ କୌଣସି କର୍ମଚାରୀମାନେ ଉପସ୍ଥିତ ନଥିଲେ ମଧ୍ୟ ଯିଏ ଯେପରି ଟ୍ରାଫିକ ନିୟମ ମାନି ଯାଆସ କରୁଥିଲେ । ଏଠାରେ ଏତେ ଟଙ୍କା ଖର୍ଚ୍ଚ କରି ଏହି ବ୍ୟବସ୍ଥା ହୋଇଥିଲେ ମଧ୍ୟ ସବୁଆଡୁ ସମୟ ସୂଚିକା ବ୍ୟବସ୍ଥା ନାହିଁ, ତେଣୁ କେତେ ସମୟ ଅପେକ୍ଷା କରିବାକୁ ପଡିବ ଜାଣି ହେଉନାହିଁ । ସି ସି ଟିଭି ସର୍ଭଲାନ୍ସ ବ୍ୟବସ୍ଥା ହୋଇଛି । ଯାହାର ସିଧାସଳଖ କଣ୍ଟ୍ରୋଲ ଓ ଦେଖିବା ବ୍ୟବସ୍ଥା ପୋଲିସ ମୁଖ୍ୟାଳୟରେ ରହିଛି । ଏହା ବରିଷ୍ଠ ପୁଲିସ ଅଧିକାରୀଙ୍କ ନଜରରେ ଥିବାରୁ ସେ ସମସ୍ତ ବିଷୟରେ ନଜର ରଖି ପାରୁଥିବେ ।

# ଜିଲା ସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ଉଦଯାପିତ : ବ୍ରହ୍ମବରଦା ଆଲଉମା ସ୍ପୋର୍ଟିଂ ଚାମ୍ପିଅନ୍

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ଆଲଉମା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଏକ ଜିଲାସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ଜୟପୁର କ୍ଲବକୁ ହରାଇ ବ୍ରହ୍ମବରଦା ଆଲଉମା ସ୍ପୋର୍ଟିଂ ଚାମ୍ପିଅନ୍ ହୋଇଛି । ଏହି ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟକୁ ଶିକ୍ଷାବିତ୍ ମୌଲାନା ଇବ୍ରାହିମ୍ ଉଦଘାଟନ କରିଥିଲେ । ଏହି ଟୁର୍ଣ୍ଣାମେଂଟରେ ଜାରକା,ବ୍ରହ୍ମବରଦା ସମେତ ଏପିଜେ ଅବଦୁଲ କଲାମ ଭଲଇବଲ ଟିମ୍ ଜୟପୁର ଓ ପ୍ରଗତି ସ୍ପୋର୍ଟିଂ ମୁଗପାଳ ଟିମ୍ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଜୟପୁର ଓ ବ୍ରହ୍ମବରଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମବରଦା ଚାମ୍ପିଅନ୍ ହୋଇଥିଲା । ଏହି ଖେଳ ଦେଖିବାକୁ ବରୀ ବିଧାୟିକା ସୁନନ୍ଦା ଦାସ ଓ ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ ଯୋଗ ଦେଇ ଖେଳ ଉପଭୋଗ କରିଥିଲେ । ପରୁସ୍କାର ବିତରଣୀ ଉତ୍ସବରେ ବରୀ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଦାସ ଯୋଗ ଦେଇ ଚାମ୍ପିଅନ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଖେଳ ପରିଚାଳନାରେ ମୁଖ୍ୟ ରେଫେରୀ ଅମର ସାହୁ,ବିବେକାନନ୍ଦ ଜେନା ଓ ସେକ୍ ରୁନ ଅମୀନ ପ୍ରମୁଖ ସହଯୋଗ କରିଥିଲେ । ଭାଷ୍ୟକାରଭାବେ ଅମୀୟ ପରିଡା,ରବିନାରାୟଣ ଜେନା,ମଂଟୁ ଦାସ ଓ ସ୍କୋରରଭାବେ ଲିଲେଫର ଆକିବ୍ ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁନ,ଅବଦୁଲ ଦୟାନ ଖାଁନ,ହେମନ୍ତ କୁମାର ସାହୁ,ଆଲଉମା ସ୍ପୋର୍ଟ କ୍ଲବର ସଭାପତି ଆୟୁବ ଅଲ୍ଲୀ,ସମ୍ପାଦକ ଅକ୍ତର ହୋସେନ ଖାଁନ,ସଂଯୋଜକ ବିଜୟ ଦାସ,ମହମ୍ମଦ ନସାଦ,ଆବୁ ସାଏମା,ଅମୂଲ୍ୟ ରାଉତ,ତଜମୁଲ ହୋସେନ ଓ ଫିରଦୋସ ଖାଁନ ପ୍ରମୁଖ ଉପସ୍ଥିତ ରହି ଖେଳ ଉପଭୋଗ କରିବା ସହିତ ଟୁର୍ଣ୍ଣାମେଂଟ ପରିଚାଳନାରେ ସହଯୋଗ କରିଥିଲେ । ସ୍ଥାନୀୟ ଅଂଚଳରୁ ଶହଶହ ସଂଖ୍ୟାରେ ଭଲିବଲ ପ୍ରେମୀ ଯୋଗ ଦେଇ ଖେଳ ଉପଭୋଗ କରିଥିଲେ ।

## ଡଙ୍କାରୀ କଳାପଥର ଖାଦାନରୁ ବେଆଇନ ଉତ୍ତୋଳନ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେପିର ସାମ୍ବାଦିକ ସମ୍ମିଳନୀ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ଧର୍ମଶାଳା ତହସିଲ ଅଂଚଳର ବହୁ ଚର୍ଚ୍ଚିତ କଳାପଥର ଖାଦାନରୁ ବେଆଇନଭାବେ କଳାପଥର ଉତୋଳନ ସହ ସମ୍ପୃକ୍ତ ଲିଜଧାରୀଙ୍କ ବିରୋଧରେ ଏକ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜେପି । ଆଜି ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିଜେପି କାର୍ଯ୍ୟାଳୟ ପରିସରରେ ବିଜେପି ନେତ୍ରୀ ସ୍ମୃତିରେଖା ପହି ଏକ ସାମ୍ବାଦିକ ସମ୍ମିଳନୀରେ ଡଙ୍କାରୀ କଳାପଥର ଖାଦାନର ୨ଟିଗୋଟି ଲିଜ ଏରିଆରେ ଚୁକ୍ତିଠାରୁ ଅଧିକ ଉତୋଳନ କରାଯାଇଛି,ସମ୍ପୃକ୍ତ ଲିଜଧାରୀ ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ଲିଜ ଏରିଆ ବାହାରୁ ପଥର ଉତୋଳନ କରୁଛନ୍ତି,ଏହି କାର୍ଯ୍ୟରେ ଓ୍ୱାଗନ,କମ୍ପ୍ରେସର,ବଡବଡ ହାଇଓ୍ୱା ଗାଡି ବ୍ୟବହାର କରୁଛନ୍ତି । ଏଭଳି ବେଆଇନ କାର୍ଯ୍ୟକୁ ରୋକ ଲଗାଇବାରେ ଧର୍ମଶାଳା ପ୍ରଶାସନ ପଛ ଘୁଂଚା ଦେଉଛି । ବେଧଡକ କଳାପଥର ଚୋରା ଚାଲାଣ ଯୋଗୁ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି ବୋଲି ସେ କହିଛନ୍ତି । ଏନେଇ ଧର୍ମଶାଳା ବିଜେପି ପକ୍ଷରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଛି । ଲିଜ ଏରିଆ ସଠିକ୍ ସୀମା ନିର୍ଦ୍ଧାରଣ,ଓ୍ୱାଗନ ବ୍ଲାଷ୍ଟିଂକୁ ସମ୍ପୂର୍ଣ୍ଣ ନିଷେଧ,ଅଧିକ ଉତୋଳନକୁ ବନ୍ଦ କରାଯିବା ସହ ସରପ୍ରାଇଜ ଭିଜିଟ କରିବାକୁ ଦାବି କରାଯାଇଛି । ଆଗାମୀ ୧୫ ଦିନ ମଧ୍ୟରେ ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି ।

## ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ତରଫରୁ ସ୍ୱାଗତ ନବ ବର୍ଷ କବିତା ଆସର

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନାର ଚଳିତ ବର୍ଷର ଅନ୍ତିମ ସାହିତ୍ୟ ଆସର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ୨୦୨୨ ମସିହାର ସମସ୍ତ ଦଃୁଖ,ଗ୍ଲାନି ଓ ଅବସାଦ କୁ ଭୁଲି ଆଗାମୀ ନବ ବର୍ଷ ୨୦୨୩ କୁ ସମୃଦ୍ଧ,ନିରୋଗ ଓ ଶକ୍ତଶାଳୀ କରିବା ପାଇଁ କବି ମାନେ ସେମାନଙ୍କ ଅନ୍ତରର ଭାବ ସହ କବିତା ଗୁଡିକୁ ଶବ୍ଦରେ ପ୍ରକାଶ କରିଥିଲେ । ଆଗାମୀ ଫେବୃୟାରୀ ୧୨ ତାରିଖ ରୁ ହେବାକୁଥିବା ଚତୁର୍ଦ୍ଦଶ ବନଜ୍ୟୋତ୍ସ୍ନା ପୁସ୍ତକ ମେଳାକୁ ସରସ ସୁନ୍ଦର କରିବା ପାଇଁ ଆଲୋଚନା ହୋଇଥିଲା । ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଅନୁଷ୍ଠାନ ତଥା ସହରର ବହୁ କବି କବୟତ୍ରୀ ସେମାନଙ୍କ କବିତା ପାଠ କରିଥିଲେ ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday January 03, 2023 | ଭୁବନେଶ୍ୱର ମଙ୍ଗଳବାର, ଜାନୁଆରୀ ୦୩,୨୦୨୩ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮


# କେନ୍ଦ୍ରାପଡ଼ାକୁ ଯାତ୍ରୀବାହୀ ରେଳ ଚଳାଚଳ ଦାବିରେ କଂଗ୍ରେସର ରାଜଧାନୀରେ ଗଣବିକ୍ଷୋଭ



ଭୁବନେଶ୍ୱର,(ପି.ଏନ): ଆଜି କେନ୍ଦ୍ରାପଡ଼ା ନଗର ଓ ବ୍ଲକ କଂଗ୍ରେସ ତରଫରୁ ହରିଦାସପୁର-ପାରାଦ୍ୱୀପ ରେଳପଥରେ ଯାତ୍ରୀବାହୀ ରେଳଚଳାଚଳ ଦାବିରେ ପୂର୍ବତଟ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଚନ୍ଦ୍ରଶେଖରପୁର ଠାରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ପୂର୍ବତନ ପିସିସି ସଭାପତି ନିରନ ପଟ୍ଟନାୟକ ଯୋଗଦେଇ କେନ୍ଦ୍ର ରେଳ ମନ୍ତ୍ରଣାଳୟର କେନ୍ଦ୍ରାପଡ଼ା ପ୍ରତି ଏହା ଏକ ଅବିଚାର ବୋଲି ଆରୋପ କରିଥିଲେ ଓ ଜିଲ୍ଲା ସ୍ୱାର୍ଥଦୃଷ୍ଟିରୁ ଯାତ୍ରୀବାହୀ ରେଳ ଚଳାଚଳର ତୁରନ୍ତ ନିଷ୍ପତି ନେବାକୁ ରେଳ କର୍ତୃପକ୍ଷଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଓ ବରିଷ୍ଠ କଂଗ୍ରେସ ବିଧାୟକ ତଥା କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଦାବିରେ ଯଥାର୍ଥତା ପ୍ରତିପାଦନ କରିବା ସହ ଅଯଥା ରେଳଚଳାଚଳରେ ବିଳମ୍ବ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଉଲ୍ଲେଖ କରିଥିଲେ। ଗଣେଶ୍ୱର ବେହେରା ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ ଯେ କଂଗ୍ରେସ ହରିଦାସପୁର- ପାରାଦ୍ୱୀପ ରେଳପଥର ଯାତ୍ରୀବାହୀ ରେଳ ଚଳାଚଳ ନିମନ୍ତେ ୨୦୨୧ରେ ନ୍ତମାଟି ପାଇଁ ପାଟି ଖୋଲନ୍ତ ଓ ଗୋପଠାରେ ରେଳ ରୋକା ଆନ୍ଦୋଳନ ସହ ୨୦୨୨ ରେ ମାଟି ପାଇଁ ମାଡ଼ିଚାଲ ଆନ୍ଦୋଳନ କରନ୍ତି। ଜିଏମଙ୍କୁ ଭେଟି ଦୁଇ ଦୁଇ ଥର ଦାବି ପତ୍ର ଦେଇଛି। ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ ସେ ନିଜେ ତିନିଥର ଚିଠି ଲେଖି ବିଫଳ ହେବାରୁ ଆଜି ଗଣବିକ୍ଷୋଭ କରିବାକୁ ବାଧ ହୋଇଛନ୍ତି ଆଜିର ଆନ୍ଦୋଳନ ବ୍ୟର୍ଥ ହେଲେ ନ୍ତମାଟି ପାଇଁ ଜେଲ ଚାଲନ୍ତ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ଗଣବିକ୍ଷୋଭ ସହ ପୂର୍ବତନ ରେଳପଥ ଜିଏମଙ୍କୁ ଏକ ପ୍ରତିନିଧି ଦଳ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଭେଟି ସ୍ମାରକପତ୍ର ମଧ ଦିଆଯାଇଛି। ସ୍ମାରକ ପତ୍ରରେ ରେଳ ବିଭାଗ ବର୍ଷକୁ ୨୦ ହଜାର କୋଟି ରାଜସ୍ୱ ପାଉଥିବା ଏବଂ ଯାତ୍ରୀବାହୀ ରେଳ ଚଳାଚଳ ନିମନ୍ତେ ତିନିଗୋଟି ଆବଶ୍ୟକତା ଯଥା ଏଚପିଆରସିଏଲ ଅନୁମତି କଲିକତା ସ୍ଥିତ ରେଳବାଇ ନିରାପତା କମିଶନଙ୍କ ସବୁଜ ସଂକେତ ଓ ୯ ଗୋଟି ଷ୍ଟେସନର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ଶେଷ ହୋଇଥିବା ସତ୍ୱେ ରେଳ ଚଳାଚଳ ନିଷ୍ପତି ନହେବା ଅତ୍ୟନ୍ତ ଦୁଃଭାର୍ଗ୍ୟଜନକ। ରେଳ ବିଭାଗର ଏହି ଉଦାସୀନତା କେନ୍ଦ୍ରାପଡ଼ା ବାସୀଙ୍କୁ ବ୍ୟଥିତ କରିଛି। ଦାବି ପତ୍ରରେ ଦୁଇଟି ଯାତ୍ରୀବାହୀ ରେଳ ଯଥା କଟକ-ପାରଦ୍ୱୀପ ଭାୟା ହରିଦାସପୁର-କେନ୍ଦ୍ରାପଡ଼ା ଓ ଭଦ୍ରକ-ପାରଦ୍ୱୀପ ଭାୟ ହରିଦାସପୁର-କେନ୍ଦ୍ରାପଡ଼ା ଚଲାଇବା ପାଇଁ କୁହାଯାଇଛି। ବ୍ଲକ ଓ ନଗର କଂଗ୍ରେସ ତରଫରୁ ଜିଏମ ମହୋଦୟ ଏଥି ନିମନ୍ତେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଏହି ଗଣବିକ୍ଷୋଭରେ ଅନ୍ୟମାନଙ୍କ ମଧରେ ସର୍ବଶ୍ରୀ ଚିନ୍ମୟ ପ୍ରସାଦ ବେଉରା, ଜ୍ଞାନଦେବ ବେଉରା, ନଗର ସଭାପତି ରାଜେଶ ମହାନ୍ତି, ବ୍ଲକ ସଭାପତି ଚିତ୍ରସେନ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ ଦାସ, ଆକବର ଅଲ୍ଲୀ, ମୁକ୍ତାର ଖାଁ, ନାରାୟଣ ଚନ୍ଦ୍ର ପରିଡ଼ା, ପିସିସି ମୁଖପାତ୍ର ଅମୀୟ ପାଣ୍ଡବ, ସତ୍ୟ ସାମଲ, ରମାକାନ୍ତ ଦାସ, ଅମୂଲ୍ୟ ପ୍ରଧାନ, ସର୍ବେଶ୍ୱର ସେଠୀ, ପ୍ରଭାତ କୁମାର ଉଡାନ ସିଂ, ଜ୍ୟୋତିରନ ପ୍ରଧାନ, ଅଭିଷେକ ବିଶ୍ୱାଳ, ପରଭେଜ ଅକ୍ତର, ରତିକାନ୍ତ ସାମଲ, ସେଖ ଅରମାନ, ବୃଷଭାନୁ ଦାସ, ଗଣେଶ ମେକାପ, କ୍ଷମାନିଧି ସାମଲ, ରାକେଶ ମହାନ୍ତି, ମୀର ମୁରସୀଦ, କମଳାକାନ୍ତ ବେହେରା, ସଂଜୟ ରାଉତ, ଲକ୍ଷ୍ମୀଧର ବାରିକ, ପ୍ରଦୀପ ପ୍ରଧାନ, ରାଜକିଶୋର ବେହେରା, ବିଶ୍ୱକେଶରୀ ଜେନା, ପିସିସି ଗଣମାଧମ ସଂଯୋଜକ ଦୀପକ କୁମାର ମହାପାତ୍ର ଓ ଭୁବନେଶ୍ୱର ବ୍ଲକ କଂଗ୍ରେସ ସଭାପତି ଅଶୋକ ଦାସ ପ୍ରମୁଖ ଭାଷଣ ଦେଇ କେନ୍ଦ୍ରାପଡ଼ାର ସ୍ୱାର୍ଥରେ କଂଗ୍ରେସ ନିରନ୍ତର ଆନ୍ଦୋଳନ କରିଚାଲିବ ବୋଲି ସତର୍କ କରାଇ ଦେଇଥିଲେ।

## ପାରାଦୀପ ବନ୍ଦରର ଗୋଟିଏ ମାସରେ ରେକର୍ଡ ପରିମାଣର ପଣ୍ୟ ପରିବହନ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ଦ୍ୱାରା ଡିସେମ୍ବର ମାସରେ ୧୨.୬ ଏମ୍.ଏମ୍.ଟି. ପଣ୍ୟ କାରବାର କରି ସମଗ୍ର ଦେଶରେ ଥିବା ବୃହତ ବନ୍ଦରମାନଙ୍କ ମଧ୍ୟରେ ରେକର୍ଡ ସୃଷ୍ଟି କରିଛି । ପୂର୍ବରୁ ଗୋଟିଏ ମାସରେ ପାରାଦୀପ ବନ୍ଦର ଦ୍ୱାରା ପଣ୍ୟକାରବାର କ୍ଷେତ୍ରରେ ଏହା ସର୍ବାଧିକ। ଏହି ସଫଳତା ହାସଲ ପରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପାରାଦୀପ ବନ୍ଦର ୧୨୫ ଏମ୍.ଏମ୍.ଟି. ପଣ୍ୟକାରବାର କରିବାର ଲକ୍ଷ୍ୟ ରଖିଛି । ଗତ ଡିସେମ୍ବର ଶେଷ ସୁଦ୍ଧା ବନ୍ଦର ୯୬.୮୧ ପ୍ରତିଶତଗ ପଣ୍ୟକାରବାର କରିଛି । ଯାହାକି ବିଗତ ବର୍ଷର ରେକର୍ଡ ୮୩.୬ ଏମ୍.ଏମ୍.ଟି.କୁ ଅତିକ୍ରମ କରିଛି । ଗତ ବର୍ଷ ଏହି ସମୟରେ ହୋଇଥିବା କାରବାରର ଚଳିତ ବର୍ଷ ୧୫.୫ ପ୍ରତିଶତ ଅଧିକ କାରବାର ହୋଇଛି । ଥର୍ମାଲ କୋଇଲା ପରିବହନ କ୍ଷେତ୍ରରେ ୫୮.୧୧ ପ୍ରତିଶତ ଅଧିକ କାରବାର ହୋଇଥିବା ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# ନାଗବାଲି ସ୍କୁଲରେ ତାଲା; ଧାରଣାରେ ଛାତ୍ରଛାତ୍ରୀ




ଫୁଲନଖରା, (ପି.ଏନ): କଟକ ସଦର ବ୍ଲକ ଖଣ୍ଡାଏତା ପଞ୍ଚାୟତ ଅନ୍ତର୍ଗତ ନାଗବାଲିଠାରେ ଥିବା ନାଗବାଲି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାୟରେ ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ବ୍ୟାହତ ହେବା ସହିତ ଏକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଉକ୍ତ ସ୍କୁଲରେ ୯୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ପିଲା ଥିଲାବେଳେ ସେମାନଙ୍କୁ ଶିକ୍ଷାଦାନ ପାଇଁ ତିନି ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି; ଅଥଚ ଏଠାରେ ବର୍ତ୍ତମାନ ମାତ୍ର ଜଣେ ଶିକ୍ଷକ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଏ ନେଇ ଅଭିଭାବକ ଓ ଗ୍ରାମବାସୀ ବହୁବାର ଶିକ୍ଷା ବିଭାଗ ଅଧିକାରୀଙ୍କୁ ଜଣାଇଲାପରେ କୌଣସି ସୁଫଳ ନମିଳିବାରୁ ଆଜି ସ୍କୁଲ ଗେଟରେ ତାଲା ପକାଇ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଖବର ପାଇ ସଦର ବ୍ଲକ ଶିକ୍ଷାଧିକାରୀ ସରସ୍ୱତୀ କାନୁନଗୋ ସ୍କୁଲରେ ପହଞ୍ଚି ୪ତାରିଖ ସୁଦ୍ଧା ଶିକ୍ଷକ ନିଯୁକ୍ତି ଦିଆଯିବବୋଲି ପ୍ରତିଶ୍ରୁତି ଦେବାରୁ ଧାରଣାରେ ବସିଥିବା ସମସ୍ତ ବିଦ୍ୟାର୍ଥୀ ଓ ଅଭିଭାବକ ଉଠିଯାଇଥିଲେ। ଏଥିରେ ବିଜନ ନାରାୟଣ ମହାନ୍ତି, ସୁଶିଳ ପ୍ରଧାନ, କୈଳାସଚନ୍ଦ୍ର ବେହେରା, ସ୍ୱର୍ଣ୍ଣଲତା ପତି, ନମିତା ମହାନ୍ତି, ନବକିଶୋର ବେହେରା, କୈଳାସଚନ୍ଦ୍ର ମୁଦୁଲି, ଶିଶିରକାନ୍ତ ସେଠୀ, ପ୍ରତାପଚନ୍ଦ୍ର ବେହେରା, ନମିତା ବେହେରା, ପ୍ରଶାନ୍ତକୁମାର ପତି, ପ୍ରେମଲତା ବେହେରା, କିରଣବାଳା ମହାନ୍ତି, ଗଙ୍ଗାଧର ବେହେରା ଏବଂ ୱାର୍ଡ଼ ମେମ୍ବର ସ୍ୱର୍ଣ୍ଣଲତା ମଲିକ ପ୍ରମୁଖ ସାମିଲ ହୋଇଥିଲେ।

## କେନ୍ଦ୍ରାପଡା ସହରର୫ଟି ସ୍ଥାନରେ ୮ଘଣ୍ଟା ହେବ ବିଦ୍ୟୁତ ନାହିଁ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଫକିରାବାଦ, ବଡହାଟ, ମାଧପୁର, ମୀରପାଟଣା, ନସଡିପୁର, ଭଗେଶ୍ୱରପୁର ପ୍ରଭୃତି ଗ୍ରାମ ଗୁଡିକରେ ସୋମବାର ଦିନ ୧୧ଟା ଠାରୁ ଏପର୍ଯ୍ୟନ୍ତ ଲାଇନ ନଥିବା ଜଣାପଡିଛି। ବିଦ୍ୟୁତ ବିଭାଗ ପକ୍ଷରୁ ଏସମ୍ପର୍କିତ ଫଲଟ ଖୋଜି ପାଉନଥିବାରୁ ଏପର୍ଯ୍ୟନ୍ତ ବିଦ୍ୟୁତ କନେକସନକୁ ବାହାଲ କରାଯାଇପାରିନଥିବା କୁହାଯାଇଛି। ସେସବୁ ଅଞ୍ଚଳରେ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବିଦ୍ୟୁତ ବିଭାଗ ପକ୍ଷରୁ ସେହିସବୁ ଅଞ୍ଚଳରେ ବିଦ୍ୟୁତ ସରବରାହ ପ୍ରଦାନ କରାଯାଇନଥିବା ସୂଚନା ମିଳିଛି।

# ହକି ବିଶ୍ୱକପ ଟ୍ରଫି ଜିଲ୍ଲା ପରିକ୍ରମା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,(ପି.ଏନ): ଚଳିତ ଜାନୁଆରୀମାସ ୯ତାରିଖରେ ପୁରୁଷ ବିଶ୍ୱକପ ହକି ଟ୍ରଫି କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଦ୍ୱାରା ଗ୍ରହଣ କରାଯିବା ଓ ୧୦ତାରିଖରେ ଜିଲ୍ଲାରେ ଭବ୍ୟ ସ୍ୱାଗତ ପ୍ରଦାନ କରାଯିବାର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ଓସ୍ୱାନ ଗୃହରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଆଭାସୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ରହେମାନ, ଏପିଡି ମନୀଷା ଗୁପ୍ତା, ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ସମସ୍ତ ବ୍ଲକର ବିଡିଓ, ବ୍ଲକ ଶିକ୍ଷା ଅଧିକାରୀ, ଜୋନାଲ ସମ୍ପାଦକ, ସରପଞ୍ଚ, ଜନପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଶ୍ରୀ ପଣ୍ଡା ଟ୍ରଫିର ଜିଲ୍ଲା ଆଗମନକୁ ସ୍ମରଣୀୟ ଓ କ୍ରୀଡା ପ୍ରତି ଜନ ସଚେତନତା ଏବଂ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ସଫଳ କରିବା ପାଇଁ ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ଆୟୋଜିତ ହେବାକୁ ଥିବା କ୍ରୀଡା ପ୍ରତିଯୋଗିତା ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ଏହି କ୍ରମରେ ଚଳିତମାସ ୩ରୁ ୮ତାରିଖ ପଞ୍ଚାୟତ ସ୍ତରରେ ୧୧ରୁ ୧୩ତାରିଖ ବ୍ଲକ ସ୍ତରରେ ଓ ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସ୍ତରରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ବିଶ୍ୱକପ ଟ୍ରଫି ଭ୍ରମଣ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ବିସ୍ତୃତ ଭାବେ ଆଲୋଚନା କରିବା ସହ ଆଭାସୀ ବୈଠକରେ ଯୋଗ ଦେଇଥିବା ସମସ୍ତ ଅଧିକାରୀ ଓ ଜନ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। କଟକ ବାରବାଟି ଷ୍ଟାଡିୟମରେ ଚଳିତମାସ ୧୧ତାରିଖରେ ହେବାକୁ ଥିବା ବିଶ୍ୱକପ ହକି ଉଦଘାଟନୀ ଉତ୍ସବକୁ ପ୍ରତି ଗ୍ରାମପଞ୍ଚାୟତରେ ଏଲଇଡି ଟିଭି ବା ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯିବ ବୋଲି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମତବ୍ୟକ୍ତ କରିଥିଲେ। ପ୍ରତି ଗ୍ରାମପଞ୍ଚାୟତକୁ ଏବାବଦରେ ୨୦ହଜାର ଟଙ୍କା ଅର୍ଥରାଶି ମଞ୍ଜୁର କରାଯାଇଛି ବୋଲି ସେ କହିଥିଲେ। ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶର ସମସ୍ତ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର

ଭୁବନେଶ୍ୱର,(ପି.ଏନ): ଆଜି ନାସ୍, ବି.ଡବ୍ଲୁ.ଆଇ ଓ ଆଇ.ଏନ୍.ବି.ସି.ଡବ୍ଲୁ. ଏଫ୍ ମିଳିତ ଆନୁକୁଲ୍ୟରେ ଦେଶରେ କାର୍ଯ୍ୟରତ ଅସଂଗଠିତ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ଏକ ଆଲୋଚନାଚକ୍ର ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ପୌରହିତ କରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ ଦେଶରେ କାର୍ଯ୍ୟରତ ସମସ୍ତ ଅସଂଗଠିତ କ୍ଷେତ୍ର ଶ୍ରମିକମାନଙ୍କ ପାଇଁ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ସାମାଜିକ ସୁରକ୍ଷା ବ୍ୟବସ୍ଥା କରିନାହାନ୍ତି। କେବଳ ସେମାନଙ୍କୁ ବାଟବଣା କରିବା ପାଇଁ ସେମାନଙ୍କୁ ଇ-ପୋର୍ଟାଲ ମାଧ୍ୟମରେ ପଞ୍ଜିକୃତ କରିବାରେ ବ୍ୟସ୍ତ। ଆଜି ପର୍ଯ୍ୟନ୍ତ ସାମ୍ପ୍ରତିକ ତଥ୍ୟ ଅନୁସାରେ ୨୮.୪୮ କୋଟି ଲୋକ ପଞ୍ଜିକୃତ ହୋଇଛନ୍ତି। କିନ୍ତୁ ବାସ୍ତବରେ ଏମାନଙ୍କ ଭିତରୁ ପ୍ରକୃତ ଅସଂଗଠିତ ଶ୍ରମିକ କେତେ ଜଣ ତାହା ଜଣାପଡୁନାହିଁ। ତେଣୁ କେନ୍ଦ୍ର ସରକାର ତୁରନ୍ତ ତର୍ଜମା କରି ପ୍ରକୃତ ଶ୍ରମିକମାନଙ୍କୁ ବାଦ ଦେଇ ଅବଶିଷ୍ଟ ବେନାମି ପଞ୍ଜିକୃତ ଶ୍ରମିକମାନଙ୍କର ରେଜିଷ୍ଟ୍ରେସନ ପ୍ରତ୍ୟାହାର କରନ୍ତୁ। ଯେହେତୁ ସମଗ୍ର ଦେଶର କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହ ଏପର୍ଯ୍ୟନ୍ତ ପ୍ରସ୍ତାବିତ ୪ଟି ଶ୍ରମିକ କୋର୍ଡ଼କୁ ବିରୋଧ କରୁଛନ୍ତି। ତେଣୁ ଆଗାମୀ ଦିନରେ ଦେଶରେ କାର୍ଯ୍ୟରତ ସମସ୍ତ ଅସଂଗଠିତ ଶ୍ରମିକ ମାନଙ୍କୁ ଏକଜୁଟ କରାଇ ଏକ ଆନ୍ଦୋଳନକର ଖସଡ଼ା ପ୍ରସ୍ତୁତ କରାଇବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟପକ୍ଷରେ ଆଇ.ଏଲ୍.ଦ୍ୱାରା ଗୃହିତ କନଭେନସନ ୧୫୫ ଏବଂ ୧୮୭ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧୀୟ କନଭେନସନକୁ କେନ୍ଦ୍ର ସରକାର ତୁରନ୍ତ ପାର୍ଲାମେଂଟରେ ସମ୍ବିଧାନରେ ସଂଶୋଧନ କଲେ ସମସ୍ତ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନେ ସ୍ୱାସ୍ଥ୍ୟ ସୁରକ୍ଷାର ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହେବେ। ଆଜ ରାଜ୍ୟ ସରକାର ଅସଂଗଠିତ ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ଅର୍ଥବ୍ୟବସ୍ଥା କରିବା ପାଇଁ ମଧ ଆଜିର ଆଲୋଚନାରେ ପ୍ରସ୍ତାବ ପ୍ରଦାନ କରାଯାଇଛି ଉକ୍ତ ଅର୍ଥ ମଧ ପରିବହନ କ୍ଷେତ୍ରରେ ଗାଡ଼ିର ପରିମିଟ୍ ଓ ଡ୍ରାଇଭିଙ୍ଗ ଲାଇସେନ୍ସ ପାଇଁ ଆଦାୟ ହେଉଥିବା ଅର୍ଥରୁ କିଛି ସେସ୍ ଉକ୍ତ ଅସଂଗଠିତ ମଙ୍ଗଳପାଣ୍ଠି ପାଇଁ ସରକାର ପ୍ରଦାନ କରିପାରିବେ। ଏଥିସହିତ ଖଣିରୁ ଆଦାୟ ହେଉଥିବା ଲୟାଲିଟ୍ କିଛି ଅଂଶ ଧାନ ମୁଣ୍ଡିମାନଙ୍କରୁ ଧାନ ସଂଗ୍ରହ କରୁଥିବା ମିଲରମାନଙ୍କ ଠାରୁ କିଛି ଅଂଶ ଏବଂ ଅନ୍ୟାନ୍ୟ ଟିକସରୁ ମଧ କିଛି ଅଂଶ ସରକାର ଆଦାୟ କରି ନିର୍ମାଣ, ଜଙ୍ଗଲ, ଘରୋଇ ଶ୍ରମିକ ଏବଂ ଅନ୍ୟାନ୍ୟ ଅସଂଗଠିତ ଶ୍ରମିକମାନଙ୍କ କଲ୍ୟାଣ ଫଣ୍ଡ ଗଠନ କରି ସେମାନଙ୍କ ସାମାଜିକ ସୁରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିପାରିବେ। ପ୍ରବାସି ଶ୍ରମିକମାନଙ୍କ ସର୍ଭେ କରି ସେମାନଙ୍କର ସମସ୍ତ ତଥ୍ୟ ଲୋକଲୋଚନକୁ ଆଣିବା ପାଇଁ ମଧ ପ୍ରସ୍ତାବ ଦିଆଯାଇଥିଲା। ଶ୍ରମିକମାନଙ୍କ ପାଇଁ ବାର୍ଦ୍ଧକ୍ୟଭତା ୧୦ ଲକ୍ଷକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପ୍ରବାସୀ ଶ୍ରମିକମାନଙ୍କୁ ନିର୍ବାଚନ ଆୟୋଗ ଭୋଟ୍ ଦେବାର ଅଧିକାର ବ୍ୟବସ୍ଥାକୁ ଆଜିର ସଭାରେ ମଧ ସ୍ୱାଗତ କରାଗଲା। ଆଜିର ଆଲୋଚନାରେ ଆଗାମୀ ଦିନରେ ଏକ ଆନ୍ଦୋଳନର ଖସଡ଼ା ପ୍ରସ୍ତୁତ କରି ଆନ୍ଦୋଳନକୁ ରାଜ୍ୟବ୍ୟାପୀ କରିବା ପାଇଁ ପ୍ରସ୍ତାବକୁ ସମସ୍ତ ଉପସ୍ଥିତ କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତୃବର୍ଗ ସ୍ୱାଗତ କଲେ। ଆଜିର ଆଲୋଚନାଚକ୍ରକୁ ଆଇ.ଏନ୍. ଟି.ୟୁ.ସିର ଉପସଭାପତି ମଦନ ମୋହନ ଧଳ ସଂଚାଳନ କରିଥିବାବେଳେ, ସାଧାରଣ ସଂପାଦକ- କିଶୋର କୁମାର ଜେନା, ଏ.ଆଇ.ଟି.ୟୁ.ସିର - ଜୟନ୍ତ ଦାସ, ସି.ଟୁର- ଉଲ୍ଲାସ ସ୍ୱାଇଁ, ଏ.ଆଇ.ସି.ସି.ଟି.ୟୁର - ମାନସ ପ୍ରଧାନ, ଏ.ଆଇ.ୟୁ.ସି.ୟୁ.ସିର- ରାଜ କିଶୋର ମଲ୍ଲିକ, ଏଲ.ପି.ଏଫର - ମନୋରଞ୍ଜନ ମହାରଣା, ଏଚ୍.ଏମ୍.ଏସ୍.ର - ସଂଯୁକ୍ତା ମହଲ ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାନେତ୍ରୀ- ପ୍ରଣତି ମିଶ୍ର ଓ ସତ୍ୟବ୍ରତ ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray